## ଦଣ୍ଡଯାତ୍ରାରେ କମ୍ପୁଛି ଗାଁ ଠାରୁ ସହର

# ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବନା

ଭଞ୍ଜନଗର, ୩।୪(ସମିସ): ଗଞ୍ଜାମ ଜିଲ୍ଲାର ପାରମ୍ପରିକ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ସମଗ୍ର ଜିଲ୍ଲାରେ ୩୨୦ଟି ଦଣ୍ଡଯାତ୍ରା ଦଳ ଥିବା ଜଣାପଡ଼ିଛି। ୨୧, ୧୮ ଓ ୧୩ଦିନିଆ ଦଣ୍ଡଯାତ୍ରାରେ ଗାଁ ଠାରୁ ସହର ଉତ୍ସବମୁଖର ହୋଇ ଉଠିଛି। ସେଥିମଧ୍ୟରେ ଭଞ୍ଜନଗର ବ୍ଲକର ଗାଲେରୀ ଗ୍ରାମର ପ୍ରସିଦ୍ଧ ମା’ କାଳୀଙ୍କ ୧୩ଦିନ ଧରି ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ରବିବାର ରାତିରୁ ନିଘଞ୍ଚ ପାହାଡ଼ ଘେରା ଜଙ୍ଗଲରୁ ଦଣ୍ଡକାଠି ଅଣା ଯାଇଥିବାବେଳେ ମଙ୍ଗଳବାର ସମ୍ପୂର୍ଣ୍ଣ ରୀତିନୀତିରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଛି। ଏହି ଗାଲେରୀ ଯାତ୍ରାରେ ଶତାଧିକ ମାନସିକ ଦଣ୍ଡୁଆ ସାମିଲ ହୋଇଛନ୍ତି। ପ୍ରଥମ ଦିବସରେ ମା’ଙ୍କ ଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଗାଲେରୀ ସମେତ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ମାନସିକଧାରୀ ଏଥିରେ ଯୋଗ ଦେଇଥିଲେ। ପ୍ରବଳ ଜନ ସମାଗମକୁ ଦେଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ସ୍ୱପନେଶ୍ୱର ମନ୍ଦିର ନିକଟରେ ଥିବା ପୋଖରୀରେ ସମସ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ସେଠାରେ କାଉଁରିଆ କାଠିକୁ ଘଷି ଅଗ୍ନି ଉତ୍ପନ୍ନ କରି ଚମ୍ପାବରରେ ସ୍ଥାପନ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଗ୍ରାମ ପରିକ୍ରମା ଚାଲିଥିଲା। ୧୩ ଦିନ ଧରି ହେବାକୁ ଥିବା ଏହି ଯାତ୍ରା ସମୟରେ ମାତ୍ର ୬ ଗଉଣି ଚାଉଳରେ ସବୁଦିନ



ଭୋଗ କରାଯାଇ ଭୁକ୍ତାମାନେ ଗ୍ରହଣ କରିବା ନିୟମ ରହିଛି। ଢୋଲ, ଗିନି, ମହୁରୀ ଓ ହୁଳହୁଳିର ଶବ୍ଦରେ ଗାଲେରୀ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ମନ୍ଦିର ପରିସରରେ ମା’ଦଣ୍ଡକାଳୀ ଓ ମହାଦେବଙ୍କ ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାବେ ଯାତ୍ରା ଆରମ୍ଭ ହୋଇଥିଲା। ମାନସିକଧାରୀ ଦଣ୍ଡୁଆ ମାନେ ପୋଖରୀରେ ଗାଧୋଇବା ପରେ ସଂକଳ୍ପ ହୋଇଛନ୍ତି। ପଇତା ଓ ଗେରୁଆ ବସ୍ତ୍ର ପରିଧାନ କରି ହାତରେ ମୟୁର ପିଞ୍ଛବାଡ଼ି ଓ ବାନା ଧରି ଗ୍ରାମ ପରିକ୍ରମା କରିଥିଲେ। ତାରସିଂ ଥାନା ଓ ସ୍ଥାନୀୟ ଫାଣ୍ଡିର ପୁଲିସ କର୍ମଚାରୀ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଥିବାବେଳେ ଯାତ୍ରା କମିଟି ପକ୍ଷରୁ ମଧ୍ୟ ବହୁ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ଏଥିସହ ଭଞ୍ଜନଗର ଆଖପାଖ ବହୁ ଗ୍ରାମରେ ମଧ୍ୟ ଦଣ୍ଡଯାତ୍ରା ଆରମ୍ଭ ହୋଇଛି ଓସକାଳେ ମା’ଙ୍କୁ ବରଣ, ମଧ୍ୟାହ୍ନରେ ଧୂଳି ଦଣ୍ଡ, ସନ୍ଧ୍ୟାରେ ପାଣି ଦଣ୍ଡ, ଆଳତୀ, ରାତିରେ ଅଗ୍ନିଦଣ୍ଡ ଓ କାଳିକା ନାଚ ଦେଖିବାକୁ ଭକ୍ତଙ୍କ ଭିଡ଼ ଲାଗି ରହିଛି। ଫଳରେ ପୁରପଲ୍ଲୀରେ ବର୍ତ୍ତମାନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସେହିପରି ରାତ୍ରି ସମୟରେ ମନୋରଞ୍ଜନ ନିମନ୍ତେ ବିଭିନ୍ନ ଯାତ୍ରା ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏବେ ପୌରାଣିକ ନାଟକ ଛାଡ଼ି ସାମାଜିକ ନାଟକ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖାଯାଇଛି।

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଛତ୍ରପୁର, ୩।୪(ସମିସ): ଛତ୍ରପୁର ଓକିଲ ସଂଘର ନବନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସଂଘର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାମନ୍ତରାୟ ନବନିର୍ବାଚିତ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ସୁରେଶ ପଟ୍ଟନାୟକ, ଉପସଭାପତି ଚୈତନ୍ୟ ପ୍ରଧାନ, ଯୁଗ୍ମ ସମ୍ପାଦକ ସମୀର କୁମାର ପାଣିଗ୍ରାହୀ, ସହ ସମ୍ପାଦକ ଜିତୁନ କୁମାର ପାଢ଼ୀ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ବେହେରା, ଲାଇବ୍ରେରୀ ସମ୍ପାଦକ ବିଶ୍ୱଭୂଷଣ ପାଢ଼ୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭୈରବୀ କୁମାର ପଟ୍ଟନାୟକଙ୍କୁ ଶପଥ ପାଠ ଗ୍ରହଣ କରାଇଥିଲେ। ସଂଘ ନିର୍ବାଚନ ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଦେବେନ୍ଦ୍ର ମିଶ୍ର, ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ଓ ନରସିଂହ ପାଢ଼ୀ ଦାୟିତ୍ୱ ପରିଚାଳନା କରିଥିବାରୁ ସଂଘର ସମସ୍ତ ସଦସ୍ୟ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

ହୁମ୍ମା, ୩।୪(ସମିସ): ଗଞ୍ଜାମ ଥାନା ଅଞ୍ଚଳ ୧୬ ନମ୍ବର ଜାତୀୟ ରାଜପଥ ଝାଡ଼କୁଦା ଛକ ନିକଟସ୍ଥ ଶଙ୍ଖ ନୂଆଗାଁ ଓଭର ବ୍ରିଜ ଉପରେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଏକ ସ୍କୁଟି ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି।

ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ସ୍କୁଟି(ଓଡ଼ି ୦୭ ଏକେ ୮ ୬୨୨ ) ଏକ ଅଜଣା ଗାଡ଼ି ପଛପଟକୁ ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣାର ଶିକାର ହୋଇ ସ୍କୁଟି ଚାଳକ ଜଣକ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଗଞ୍ଜାମ ପୁଲିସ ପହଞ୍ଚି ଓ ସାମ୍ବାଦିକ ପ୍ରକାଶ ପଲେଇ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ମେଡିକାଲକୁ ପଠାଇଥିଲେ। ଗଞ୍ଜାମ ପୁଲିସ ଏହାର ତଦନ୍ତ ଜାରି ରଖିଛନ୍ତି। ଗୁରୁତର ବ୍ୟକ୍ତି ଜଣଙ୍କ ପରିଚୟ ମିଳିନଥିବା ଜଣାପଡ଼ିଛି।

### ପ୍ରଶାସନର ନିରବତା

## ବ୍ଲକ୍ ଅଞ୍ଚଳରେ ନକଲି ପାଣି ବୋତଲ ବିକ୍ରି ବଢୁଛି

ହୁମ୍ମା, ୩।୪(ସମିସ): ଗ୍ରୀଷ୍ମଋତୁ ଆରମ୍ଭରୁ ତାତି ବଢୁଛି। ଅସମ୍ଭାଳ ଖରା ଅସହ୍ୟ ହୋଇ ପଡୁଛି। ଜନ ସମାଜ ଅସ୍ତବ୍ୟସ୍ତ ହୋଇଯାଉଛି। ଖରା ଦାଉରୁ ରକ୍ଷା ପାଇବା ସହ ଶୋଷ ମେଣ୍ଟାଇବା ପାଇଁ ଦୋକାନ ବଜାରରୁ ଆମେ ପାଣି ବୋତଲ କିଣିଥାଉ। ତେବେ ଯେଉଁ ପାନୀୟ ଜଳକୁ ଲୋକମାନେ ପିଉଛନ୍ତି ତାହା କେତେ ସ୍ୱଚ୍ଛ ତାହା ଲୋକେ ଜାଣିପାରନାହାନ୍ତି। ସହର କି ଗ୍ରାମାଞ୍ଚଳରେ ଆବଶ୍ୟକ ସଂଖ୍ୟକ ନଳକୂପ ନାହିଁ। ଜଳସ୍ତର ହ୍ରାସ ଯୋଗୁଁ ଯେଉଁଠି ଅଛି ସେସବୁ ଅଚଳ ହୋଇପଡ଼ିଛି। ସ୍ୱଚ୍ଛ ପାନୀୟଜଳର ବ୍ୟବସ୍ଥା ନାହିଁ। ସେଥିପାଇଁ ପାଣି ବୋତଲର ଆବଶ୍ୟକ ପଡ଼ିଥାଏ।

ହେଲେ ଗଞ୍ଜାମ ବ୍ଲକର ରମ୍ଭା ଓ ଗଞ୍ଜାମ ଥାନା ଅଞ୍ଚଳର ଦୋକାନ ବଜାରରେ କେଉଁଠି ଚଢ଼ା ଦରରେ ପାଣି ବିକ୍ରି ହେଉଥିବା ବେଳେ କେଉଁଠି ୫ ଟଙ୍କାରୁ ୧୦ ଟଙ୍କା ମଧ୍ୟରେ ପାଣି ବୋତଲ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଏହି ଦୁଇ ଥାନା ଅଞ୍ଚଳରେ କିଛି ଅସାଧୁ ବ୍ୟବସାୟୀ ବେଆଇନ ଭାବେ ପାଣି ବୋତଲ ଘରେ ତିଆରି କରି ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ପାଣି ବୋତଲ ନିର୍ମାଣ ପାଇଁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡର୍ଡ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଅନୁମତି ନଆଣି ବେଆଇନ ଭାବେ ରାସ୍ତା କଡ଼ରେ ପଡ଼ିଥିବା ବୋତଲର ବ୍ୟବହାର ସହ ସେହି ବୋତଲ ଭିତରେ ପାଣି ଭର୍ତ୍ତି କରି ବିକ୍ରି କରୁଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଯାଞ୍ଚ କରାଯାଉ ନାହିଁ। ଫଳରେ ଅସାଧୁ ବ୍ୟବସାୟୀ ବିନା ଖର୍ଚ୍ଚରେ ବଜାରରେ ଛାଡ଼ି ମାଲାମାଲ ହେବାରେ ଲାଗିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସୋରଡ଼ା ପୁଲିସର ଫ୍ଲାଗମାର୍ଚ୍ଚ



ସୋରଡା, ୩।୪(ସମିସ): ସୋରଡା ବ୍ଲକରେ ସହର ସହିତ ବିଭିନ୍ନ ପଞ୍ଚାୟତରେ ପୁଲିସର ଫ୍ଲାଗ ମାର୍ଚ୍ଚ ହୋଇଛି। ସୋରଡ଼ା ନିର୍ବାଚନମଣ୍ଡଳୀର ନିର୍ବାଚନ ପ୍ରସ୍ତୁତି ସହ ଉଷ୍ମତା ଯେତେ ବଢୁଛି ପୁଲିସ ପ୍ରଶାସନ ତାକୁ ନେଇ ତୟାର ହେଉଛି। ସୋରଡା ଥାନା ଇଲାକାରେ ଥିବା ପଞ୍ଚାୟତ ଗୁଡିକର ବଡ଼ଗଡ଼, ବୋରସିଂ, ଅମୃତୁଲୁ ଲାଠିପଡ଼ା ଆଦି ଗ୍ରାମରେ ଫ୍ଲାଗ ମାର୍ଚ୍ଚ ଜାରି ରହିଛି। ସୋରଡା ବ୍ଲକର ୨୬ଟି ପଞ୍ଚାୟତର ବହୁ ଗ୍ରାମରେ ସୋରଡା ଥାନାଧିକାରୀ ଅନୀଲ କୁମାର ପରିଡ଼ା ଓ ବଡ଼ଗଡ଼ ଥାନାଧିକାରୀ ସନ୍ଧ୍ୟାରାଣୀ ସିଂଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ସହିତ ନିର୍ବାଚନି ହିଂସା ନ କରିବାକୁ ସଚେତନତା କରାଯାଉଛି।

## ଦଧିବାମନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବୁଗୁଡ଼ା, ୩।୪(ସମିସ): ବୁଗୁଡ଼ା ବ୍ଲକ ପୋଟାଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ରାମଗଡ଼ ଗ୍ରାମରେ ଦଧିବାମନ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବ ଅବସରରେ ପ୍ରଥମ ଦିନ ଜଳଯାତ୍ରା, ଦୀକ୍ଷା ଗ୍ରହଣ, ବନଯାଗ, ଅଙ୍କୁରାରୋପଣ ଓ ମଣ୍ଡଳାଧିବାସ ଆଦି କାର୍ଯ୍ୟକ୍ରମ ଏବଂ ଦ୍ୱିତୀୟ ଦିବସରେ ଶାଳା ପ୍ରତିଷ୍ଠା, ରତ୍ନମୁଦ, ଘୃତଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଆରମ୍ଭ ହୋଇଥିଲାବେଳେ ତୃତୀୟ ଦିନ ବିଗ୍ରହଙ୍କ ମହାସ୍ନାନ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଚତୁର୍ଥ ଦିନରେ ନଗର ପରିକ୍ରମା, ଦଧିବାମନ ଠାକୁରଙ୍କ ସିଂହାସନ ଆରୋହଣ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ତିମ ଦିବସରେ ଦଧିଭାଣ୍ଡ ଭଞ୍ଜନ ସହ ନାମ ସମାପନ ହୋଇଥିଲା। ନାମଯଜ୍ଞରେ ଚିଲିଖମା, ବଗାଡି, କତକଲା, ଜିରାବାଡି ଓ ରାମଗଡ଼ ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଘୃତଯଜ୍ଞ ସମ୍ପାଦନ କାର୍ଯ୍ୟରେ ନୀଳମାଧବ ରଥଙ୍କ ସମେତ ୧୨ ଜଣ ପୁରୋହିତ ନିୟୋଜିତ ରହିଥିଲାବେଳେ କର୍ତ୍ତା ଭାବେ ବିଜୁଳି ଜେନା ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ମହୋତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲାବେଳେ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗ ଦେଖିବାକୁ ମିଳିଥିଲା।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଛତ୍ରପୁର, ୩।୪(ସମିସ): ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ୧୨ନଂ ୱାର୍ଡ ରିକାପଲ୍ଲୀ (ଭଣ୍ଡାରୀ ସାହି ଓ ରେ‡ୀ ସାହି)ରେ ବୀର ହନୁମାନଙ୍କ ପାଷାଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାମଯଜ୍ଞ, ଅନ୍ନଯଜ୍ଞ ଓ ଘୃତ ଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ଏହା ସହ ୧୦୮ ହନୁମାନ ଚାଳିଶା ମଧ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଛତ୍ରପୁର ପୌରପରିଷଦ ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ସମେତ ବହୁ ଜନ ପ୍ରତିନିଧି ମାନେ ଯୋଗଦେଇ ପୂଜାର୍ଚ୍ଚନା କରିବା ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର



ରମ୍ଭା, ୩।୪(ସମିସ): ସାବୁଳିଆ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମୋତିଆବିନ୍ଦୁ ନିରକାରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୩୮ଜଣ ଚକ୍ଷୁ ଚିକିତ୍ସା ରୋଗୀଙ୍କ ତନ୍ମଧ୍ୟରୁ ୫ ଜଣଙ୍କୁ ଚିହ୍ନଟ କରାଯାଇଛି ଅସ୍ତ୍ରୋପଚାର ପାଇଁ ସ୍ଥିରୀକୃତ ହୋଇଛି। କାର୍ଯ୍ୟକ୍ରମକୁ ରମ୍ଭା ଗାୟତ୍ରୀ ପରିବାର ବିଜୟ କୁମାର ମିସ୍ତ୍ରୀ, ରବୀନ୍ଦ୍ର କୁମାର ସେନାପତି, ସମାଜସେବୀ ନାରାୟଣ ବେହେରା ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ଅନନ୍ୟ ଉତ୍କଳ ପରିଷଦର ଚତୁର୍ଥ ସ୍ୱନକ୍ଷତ୍ର



ଖଲିକୋଟ, ୩।୪(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ‘ଅନନ୍ୟ ଉତ୍କଳ ବହୁମୁଖୀ ସମାଜ ସଂସ୍କୃତି ପରିଷଦ’ର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଡ଼ଃ ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ଼ଃ ବାୟାମନୁ ଚର୍ଚ୍ଚୀ ମୁଖ୍ୟବକ୍ତା, ଡାକ୍ତର ଚନ୍ଦନ ଗନ୍ତାୟତ ନିମନ୍ତ୍ରିତ ଅତିଥି ଏବଂ ପ୍ରମୋଦ କୁମାର ମିଶ୍ର, ବସନ୍ତ କୁମାରୀ ସାମନ୍ତ, ମହେଶ୍ୱର ବରାଡ, ପଞ୍ଚାନନ ସୁର ଓ କିଶୋର ଚନ୍ଦ୍ର ସିଂହ ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଉତ୍କଳର ଅନନ୍ୟତାକୁ ନିଜ ନିଜ ଢଙ୍ଗରେ ପ୍ରତିପାଦନ କରିଥିଲେ। ଶିଶୁ ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଉଦଘାଟନୀରେ ଭାଗ୍ୟ ବନୀତା ମୁଦୁଲି ନୃତ୍ୟାଭିନୟ କରିଥିଲେ। ଅନୁଷ୍ଠାନର ମୁଖପତ୍ର ‘ଅନନ୍ୟ ଉତ୍କଳ’କୁ ସମସ୍ତ ଅତିଥି ଉନ୍ମୋଚନ କରିଥିଲେ। ପ୍ରଧାନାଚାର୍ଯ୍ୟା ଦେବବାଳା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କେଶପୁର ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସଙ୍କୁ ‘ଅନନ୍ୟ ଉତ୍କଳ ଉଦ୍ୟୋଗୀ ଅଧ୍ୟାପକ’ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ୨୦ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲା ବେଳେ ଶତାଧିକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସମସ୍ୟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଡାକ୍ତର ନଥିବାରୁ ରୋଗୀ ହନ୍ତସନ୍ତ

ଶେରଗଡ଼, ୩।୪(ସମିସ): ଶେରଗଡ଼ ସହର ମଧ୍ୟରେ ରହିଛି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ନଥିବା ଏବଂ ଏଠାରେ ପୂର୍ବରୁ ଚିକିତ୍ସା କରୁଥିବା ଅଭିଜ୍ଞ ଡାକ୍ତରଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବା ଫଳରେ ରୋଗୀ ସେବା ବହୁଳ ମାତ୍ରାରେ ପ୍ରଭାବିତ ହୋଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଶେରଗଡ଼ ବ୍ଲକ ସମେତ ଧରାକୋଟ, ସାନଖେମୁଣ୍ଡି ବ୍ଲକ ର ମଚ୍ଛାକୋଟ, ମଥୁରା, ମାଣିକପୁର, ମହୁଲି, ଲେଂଘମା, ବାହାରପୁର, ପଦନାପୁର, ପୁରୁଣାଗଡ଼, ସୁନାରୀପଲ୍ଲୀ, ଜଗନ୍ନାଥପୁର, ସାତପେଣ୍ଟ ଗୋପାଳପୁର, ସାମନ୍ତରାପୁର ସମେତ ଶେରଗଡ଼ ଆଖପାଖ ପ୍ରାୟ ୧ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଛନ୍ତି। ଦୀର୍ଘ ଦିନ ହେବ ଭେଷଜ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପଦବୀ ଖାଲି ପଡ଼ିଛି। ଯଦିଓ ଡାକ୍ତର ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଇ ଡାକ୍ତର ନିଯୁକ୍ତି ଦିଆଯାଇଛି, ବିଶେଷଜ୍ଞ ଓ ଅଭିଜ୍ଞ ଡାକ୍ତର ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ୧୨ ଶଯ୍ୟା ବିଶିଷ୍ଟ




ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାକ୍ତର ଯୋଗ ଦେଇଥିଲେ ମଧ୍ୟ ସାଧାରଣ ଜନତା ଅଭିଜ୍ଞ ଡାକ୍ତରଙ୍କ ଅନୁପସ୍ଥିତି ଉପଲବ୍ଧ କରି ନିକଟସ୍ଥ ସହରରେ ଥିବା ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଭରସା କରୁଥିବା ଦେଖିବାକୁ ମିଳିଛି। ଦୀର୍ଘ ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ ପରିଚାଳିତ ହୋଇ ଆସୁଥିବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୪ରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ରୋଗୀ ସେବା ଓ ଭିତ୍ତିଭୂମି ସୁଦୃଢ କ୍ଷେତ୍ରରେ ଢେର ପଛରେ ପଡ଼ିଯାଇଛି। ବିଶେଷଜ୍ଞ ଓ ଅଭିଜ୍ଞ ଡାକ୍ତର ନଥିବାରୁ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ଶହ ଶହ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ବହୁବିଧ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ପ୍ରତାପପୁର ସାନନୂଆଗାଁ ଗ୍ରାମର ସୁମିତ କୁମାର ବେହେରାଙ୍କ ପୁଅ ସଚିନ, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବୀରେଶ୍ୱରପୁର ପଞ୍ଚାୟତର ଶିରିଡିସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମ ଶ୍ରେଣୀ ପାସ କରିଛନ୍ତି। ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅଳମତି ବିସ୍ତରେଣ

(ପଠନ ପାଠନ ମୁହୂର୍ତ୍ତରୁ ଦୃଷ୍ଟି ତୋଳି ଦେଖ ନିଜ ହାତେ ନିଜ ଭାଗ୍ୟ ଡୋରୀ)

୧- ମାତୃପିତୃ ଋଣ ଅପରିଶୋଧେନ ପାପମା, ମୁଖାଗ୍ନି ବଞ୍ଚିତଂ ପରିଣାମୋତି।
୨- ଅଭକ୍ଷ ଗ୍ରହଣ ଦୋଷ ଦହ୍ୟତେ ଦେହମ୍, ରୋଗ ଭୋଗ୍ୟମ୍ କୁମ୍ଭୀପାକ ନର୍କଂ।
୩- ଧର୍ମ ଧାସେ ଗ୍ଲାନି ଧର୍ମ ସୌଦାଗରଃ, ଶଠ୍ୟତେ ଅନ୍ୟମ୍ କାଳସୂତ୍ର ଦଣ୍ଡମ୍।
୪- ସତ୍‌ପଥିଙ୍କ କଣ୍ଟକ ଯଃ ବିଷ୍ଟଃ, ଆତତାୟୀ ସମା ଶୁକରମୁଖଂ ଜନ୍ମନି।
୫- ଶଟଟଂ ସମାହାର କୃପଣ କ୍ଷମତାନ୍ଧଃ, ପରଜନ୍ମନି ବିଷଧର ଜୀବନଂ।
୬- ମହତ ଜନସ୍ୟ ଛିଦ୍ରାନୁଷ୍ୱେଣ ଷଡଯନ୍ତ୍ରଃ ଶୂଳଃ, ଆତ୍ମଙ୍କ କ୍ଷତିକାରକଃ।
୭- ପରଧନ ଲୋଭାତ୍ ଚୌର୍ଯ୍ୟଂ କଳିକଲୁଷେତି, କାରବାସ ଜନ୍ତୁନାଂ ଜନ୍ମନି।
୮- ଈର୍ଷା ଅସୂୟା କର୍କଟ ଗୁଣା ଏବ, ଅକର୍ମାଜସ୍ୟଃ ଗୌରବ ଦଣ୍ଡ ପ୍ରାପ୍ୟମ୍।
୯- ଦୁର୍ନୀତି ଭ୍ରଷ୍ଟାଚାରୀ ଧନେ ଧନିକଃ, ଅସ୍ତିପତ୍ର ଯକ୍ଷେବ ଯଥା ପରଜନ୍ମମ୍।
୧୦- ପରନିନ୍ଦା ପରଚର୍ଚ୍ଚା ଅନ୍ତର୍ମଳ ମନାଃ, ଆତ୍ମହତ୍ୟା ଦୋଷେ ଅବଯାନମ୍।
୧୧- ଭୋଗ ବିଭୋର ଅର୍ଥାର୍ଥୀ ଅସଦା ଚରିତେ, ଅନ୍ଧକୂପେ ବନ୍ଦୀ କୁକର୍ମ ରତେ।
୧୨- ଅବଦାନ ଶୂନ୍ୟ ସଂଗଚ୍ଛଧ୍ୱଂ ଅହଂକାରଃ, ଅରଣ୍ୟ ରୋଦନ ଛାଗଳ ଜନ୍ମନି।
୧୩- ଆତ୍ମଦ୍ରୋହୀ ଧର୍ମସ୍ୟ ଅର୍ଥଂ ନ ଜାନାତି ଓଧ, ନ ଚ ବୁଦ୍ଧ ନିର୍ବାଣ ନିମିତ୍ତଂ।
୧୪- ସଦାତ୍ମା ସ୍ୱଧୟା କଷ୍ଟବାସୋ ଜୀବନଂ ହି, କଲ୍ୟାଣକୃତ କର୍ଶ୍ଚିତ୍ ନ ଦୁର୍ଗତିଂ।
୧୫- ନାମଧେୟ କର୍ମଂ, ପଙ୍କଜପି ପ୍ରତିଷ୍ଠାପ୍ୟ, ବିଧି ଯସ୍ୟ ବଶ ଦଣ୍ଡ ନାସ୍ତି।

| THE BED SEED OF LIFE | THE GOOD SHRINE OF LIFE |
|---|---|
| 1- Disobedience to parents. | 1- Life for love, stop hatred. |
| 2- Lie and libility. | 2- Wise ruler sans power. |
| 3- Avoiding right excepting wrong | 3- A teacher of truth. |

– ଶମିତ୍ୟୋମ୍ –
ସନ୍ଥମୂର୍ତ୍ତି-ଚଳଭାଷ-୯୪୩୯୪୮୦୦୦୦

# ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଗୋଦାମରୁ ଚୋରି

**ବ୍ରହ୍ମପୁର,୩।୪ (ସମିସ):** ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମରୁ ୬୫ଟି କ୍ରାୟୋକେନ (ଲିକ୍ୟୁଡି ନାଇଟ୍ରୋଜେନ କଣ୍ଟେନର) ଚୋରି ହୋଇଛି । ଦୁର୍ବୃତ୍ତମାନେ ଗୋଦାମର ତାଲା ଭାଙ୍ଗି ଏହି କେନ୍ ଗୁଡ଼ିକ ଚୋରି କରି ନେଇ ଯାଇଛନ୍ତି । ଘଟଣାକୁ ନେଇ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ମନୋଜ କୁମାର ସାହୁ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସୂଚନାପ୍ରକାରେ, ବଙ୍ଗାଳି ସାହିଠାରେ ଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଔଷଧ ଏବଂ ଇନ୍ଜେକ୍ସନ ରଖିବାକୁ ଏକ ଗୋଦାମ ରହିଛି । ସେହି ଗୋଦାମରେ ପୂର୍ବରୁ ବ୍ୟବହୃତ ହୋଇସାରିଥିବା ବହୁ ପରିମାଣର କ୍ରାୟୋକ୍ୟାନ୍ ରଖାଯାଇଥିଲା । ସେଗୁଡ଼ିକ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ନଷ୍ଟ କରାଯିବ ବୋଲି ଯୋଜନା ହୋଇଥିଲା । ହେଲେ ବିଭାଗ ପକ୍ଷରୁ ନଷ୍ଟ କରାଯିବା ପୂର୍ବରୁ ଦୁର୍ବୃତ୍ତମାନେ ଗୋଦାମର ତାଲା ଭାଙ୍ଗି ପ୍ରାୟ ୬୫ଟି କ୍ରାୟୋକେନ ବକ୍ସ ତଥା ବୋତଲ ଚୋରି କରି ନେଇଯାଇଛନ୍ତି। ସେହି କାର୍ଯ୍ୟାଳୟରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ସୁଶାନ୍ତ ପାଣିଗ୍ରାହୀ ଗୋଦାମରୁ ଚୋରି ଘଟଣା ସମ୍ପର୍କରେ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଜଣାଇବା ପରେ ସେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ପରୀକ୍ଷା ସମୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ପାଇଁ ହନ୍ତସନ୍ତ ଛାତ୍ରଛାତ୍ରୀ

**ବ୍ରହ୍ମପୁର,୩।୪(ସମିସ):** ଯୁକ୍ତଦୁଇ ପ୍ରଥମ ବର୍ଷ ବିଦ୍ୟାର୍ଥୀଙ୍କ ପରୀକ୍ଷା ଚାଲିଛି । ଚଳିତ ୨ତାରିଖଠାରୁ ୧୫ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଜାରି ରହିବ । ସେହିକ୍ରମରେ ସ୍ଥାନୀୟ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଖରେ ଯୁକ୍ତଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଜାରି ରହିଛି । ବିଦ୍ୟାଳୟରେ ଏକ ହଜାରରୁ ଉଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ବିଶେଷ ଭାବେ ସକାଳ ୭ ଟାରୁ ୧୧.୩୦ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥାଏ । ତେବେ ପ୍ରତିଦିନ ପରୀକ୍ଷା ସମୟରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହୋଇଛି । ସହରରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ନେଇ ଟାଟା ପାୱାର ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ ବିଦ୍ୟାର୍ଥୀଙ୍କ ସମସ୍ୟା ସୃଷ୍ଟି କରୁଛି । ଯାହାକୁ ନେଇ ଛାତ୍ର ଛାତ୍ରୀମାନେ ଭୀଷଣ ଗରମରେ ପରୀକ୍ଷା ଦେଉଛନ୍ତି । ବିଦ୍ୟୁତ କାଟ ଯୋଗୁଁ ସେମାନେ ପରୀକ୍ଷାରେ ଲେଖିବାରେ ଅସୁବିଧା ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଟିପିଏସଓଡିଏଲକୁ ସମସ୍ୟା ବିଷୟରେ ଅବଗତ କରାଇଥିବା କହିଛନ୍ତି । ଏହା ସହ ଖୁବଶିଘ୍ର ଏହାର ସମାଧାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ଅଘୋଷିତ ବିଦ୍ୟୁତ କାଟ ପାଇଁ କେବଳ ଖଲ୍ଲିକୋଟ ମାଧ୍ୟମିକ ବିଦ୍ୟାଳୟର ବିଦ୍ୟାର୍ଥୀ ନୁହଁ, ବରଂ ସହରର ଅନ୍ୟାନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେବା ସମୟରେ ଅଘୋଷିତ ବିଦ୍ୟୁତ କାଟକୁ ବିଦ୍ୟାର୍ଥୀଙ୍କ ହନ୍ତସନ୍ତ ହେଉଛନ୍ତି । ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# କୁମାର ଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

**ବ୍ରହ୍ମପୁର,୩।୪(ସମିସ):** ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ରଶ୍ମୀରଞ୍ଜନ ପଟ୍ଟନାୟକଙ୍କ ପିତା କୁମାର ଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ବୟସ ହୋଇଥିଲା । ଦିଲ୍ଲୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସ୍ୱର୍ଗତ ପଟ୍ଟନାୟକଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ରଶ୍ମୀ ପଟ୍ଟନାୟକ, ଦେବ ଦୁର୍ଲଭ, ଝିଅ ଗୌରାପ୍ରିୟା, ମିନତି, ଜ୍ୱାଇଁ ରାଧାନାଥ, ପିତବାସ, ବୋହୂ ଅପରାଜିତା ପଟ୍ଟନାୟକ, ନାତି ଅଶ୍ରିତ ପଟ୍ଟନାୟକ ଏବଂ ଭଣଜା ଡ.ଜଗନ୍ନାଥ ପଟ୍ଟନାୟକ ଓ ଡ.ଆଶିକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଗତ କୁମାର ଚନ୍ଦ୍ର ପଟ୍ଟନାୟକ ଜଣେ ଦକ୍ଷ ଯନ୍ତ୍ରୀ ଭାବେ ସୁପରିଚିତ । ସେ ଜଳସେଚନ ବିଭାଗରେ ଯନ୍ତ୍ରୀ ଭାବେ କାମ କରିବା ସମୟରେ ହୀରାକୁଦ ଓ ବାଲିମେଳା ଆଦି କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ପିସିସି ସଭାପତି ଶରତ ପଟନାୟକ, ବରିଷ୍ଠ ନେତା ବିଜୟ ପଟନାୟକ, ଶୁଭେନ୍ଦୁ ମହାନ୍ତି, ରାଜୀବ ପଟ୍ଟନାୟକ, ପ୍ରଦୀପ୍ତ ଦାସ ଏବଂ କେନ୍ଦ୍ରପଡା କଂଗ୍ରେସ ସଭାପତି ଲୋକନାଥ ମହାରଥୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିବା ଜଣାପଡ଼ିଛି ।

# ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ହେଲେ ଭୃଗୁ ବକ୍ସିପାତ୍ର



**ବ୍ରହ୍ମପୁର,୩।୪(ସମିସ):** ପ୍ରଖ୍ୟାତ ରାଜନେତା ଭୃଗୁ ବକ୍ସି ପାତ୍ର ବ୍ରହ୍ମପୁର ଲୋକସଭାରେ ବିଜୁ ଜନତା ଦଳର ପ୍ରାର୍ଥୀ ହୋଇଛନ୍ତି । ଏନେଇ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ତାଙ୍କ ନାମ ଘୋଷଣା ପରେ ବିଜେଡ଼ି ଶିବିରରେ ନୂଆ ଉତ୍ସାହ ଦେଖିବାକୁ ମିଳିଛି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବାର ସୁଯୋଗ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ବହୁ ସଂଖ୍ୟକ ଭୋଟରେ ବିଜୟୀ ହେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ବ୍ରହ୍ମପୁର ମହାନଗର ନିଗମର ବିଚିତ୍ର ନୀତି

# ବିବାଦୀୟ ଜମିରେ ଅର୍ଥ ବିନିଯୋଗ

ବ୍ରହ୍ମପୁର,୩।୪(ସମିସ)





**ଅଧାପନ୍ତରିଆ ଭାବେ ପଡିରହିଛି ଅନେକ ପ୍ରକଳ୍ପ**

ଜବରଦଖଲ ଉଚ୍ଛେଦ କ୍ଷେତ୍ରରେ ବିଇଏମସି ବା ବ୍ରହ୍ମପୁର ମହାନଗର ନିଗମ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି । ସରକାରୀ ଜମି ଏପରିକି ରାସ୍ତାଘାଟକୁ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ପରୋକ୍ଷରେ ନିଗମ କର୍ତ୍ତୃପକ୍ଷ ପ୍ରୋତ୍ସାହିତ କରାଯାଉଥିବା ଦେଖିବାକୁ ମିଳୁଛି । ଯାହାର ଫଳସ୍ୱରୁପ ସହରରେ ସରକାରୀ ଜମିକୁ ଓ ରାସ୍ତାକୁ ହଡପ ତଥା ଜବରଦଖଲ କରିବା ଭଳି ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ଅପରପକ୍ଷେ କୌଣସି ପ୍ରକଳ୍ପ ଆରମ୍ଭ କରିବା ଓ ସେଥିରେ ସରକାରୀ ଅର୍ଥକୁ ବିନିଯୋଗ କରିବା ପୂର୍ବରୁ ସମ୍ପୃକ୍ତ ଜମିର ସ୍ଥିତି ଓ ମାଲିକାନା ସମ୍ପର୍କରେ ସରଜମୀନ ତଦନ୍ତ ଓ ସର୍ଭେ କରିବାର ଆବଶ୍ୟକତା ରହିଛି । ଏଥିରେ ମଧ୍ୟ ଅବହେଳା କରାଯାଇଥିବା ଦେଖିବାକୁ ମିଳିଛି । ବିବାଦୀୟ ଜମିରେ ସରକାରୀ ପ୍ରକଳ୍ପ ଆରମ୍ଭ କରାଯିବା ପରେ ସମ୍ପୃକ୍ତ ଜମିର ମାଲିକାନା ଦାବି କରିବା ପରେ ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡି ରହିଥିବା ଦେଖିବାକୁ ମିଳିଛି । ଫଳରେ ପ୍ରକଳ୍ପ କାର୍ଯ୍ୟ ପାଇଁ ବିନିଯୋଗ ହୋଇଥିବା ଅର୍ଥ ବରବାଦ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମର ୩୫ନମ୍ବର ୱାର୍ଡ ଅନ୍ତର୍ଗତ ଗଜପତି ନଗରରେ । ସମ୍ପୃକ୍ତ ଅଞ୍ଚଳର ୪ର୍ଥ ଲାଇନରୁ ୫ମ ଲାଇନକୁ ଯାତାୟତ ପାଇଁ ଥିବା ଏକ ୬ଫୁଟିଆ ରାସ୍ତାକୁ ଅଞ୍ଚଳବାସୀ ଦିର୍ଘବର୍ଷ ଧରି ବ୍ୟବହାର କରି ଆସୁଥିଲେ । କିନ୍ତୁ କାଳକ୍ରମେ ଉକ୍ତ ରାସ୍ତାକୁ ଜନୈକ ବ୍ୟକ୍ତି ପାଚେରୀ ବୁଲାଇ ନିଜ ଅକ୍ତିଆରରେ ରଖିଛନ୍ତି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି । ଏପରିକି ଏନେଇ ମହାନଗର ନିଗମର କମିଶନର, ମେୟର ଓ ବ୍ରହ୍ମପୁର ବିଧାୟକଙ୍କ ବହୁବାର ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି । ପରେ ମେୟର ଓ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଜମିର ମାଲିକାନା ଜାଣିବାକୁ ବିଇଏମସି ପକ୍ଷରୁ ଅମିନଙ୍କ ଦ୍ୱାରା ସର୍ଭେ ଓ ମ । ପ ଜୁ ପ କରାଯାଇଥିଲା । ପରେ ଉକ୍ତ ୬ଫୁଟ ରାସ୍ତା ଓ ଜମି ସରକାରୀ ଖାତାରେ ଥିବା ଜଣାପଡିବା ପରେ ଉଚ୍ଛେଦ କରି ରାସ୍ତାକୁ ଲୋକଙ୍କ ଚଳାପଥ ପାଇଁ ଉନ୍ମୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଉଚ୍ଛେଦ ପାଇଁ ବିଇଏମସି ପକ୍ଷରୁ ଜେସିବି ଆସିଥିଲେ ହେଁ କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ଉଚ୍ଛେଦ କାର୍ଯ୍ୟକୁ ବନ୍ଦ କରାଯାଇଥିଲା । ଯାହା ଫଳରେ ଉକ୍ତ ରାସ୍ତାକୁ ଜବରଦଖଲ ମୁକ୍ତ କରାଯାଇ ପାରିନାହିଁ । ସେହିଭଳି ଗଜପତିନଗର ଅଞ୍ଚଳରେ ବିଇଏମସି ପକ୍ଷରୁ ଏକ ଅଙ୍ଗନୱାଡି କୋଠା ନିର୍ମାଣ ପାଇଁ ପ୍ରକଳ୍ପ ମଞ୍ଜୁର ହୋଇଥିଲା । ଏଥିପାଇଁ ୧୧ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇ ମଞ୍ଜୁର ହୋଇଥିଲା । ଜନୈକ ଠିକାଦାରଙ୍କୁ ଏଥିପାଇଁ କାର୍ଯ୍ୟାଦେଶ ମଧ୍ୟ ଦିଆଯାଇଥିଲା । ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବାକୁ ଥିବା ବେଳେ ଏହା ଏକ ବିବାଦୀୟ ତଥା ଏଥିର କିଛି ଅଂଶ ଘରୋଇ ତଥା ବ୍ୟକ୍ତିଗତ ମାଲିକାନାରେ ଥିବା ଅଭିଯୋଗ ହୋଇଛି । ଫଳରେ ପ୍ରସ୍ତାବିତ ଅଙ୍ଗନୱାଡି କୋଠା ନିର୍ମାଣ ଅଧପନ୍ତରିଆ ଭାବେ ଅଟକି ରହିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବିଇଏମସିର ରାଜସ୍ୱ ବିଭାଗ ବିନା କୌଣସି ସର୍ଭେ କରି କିଭଳି ଏଥିପାଇଁ ସବୁଜ ସଙ୍କେତ ଦେଇଥିଲା । ଏନେଇ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ରଙ୍କ କହିବା କଥା ହେଲା ଉଭୟ କାର୍ଯ୍ୟର ସମୀକ୍ଷା ଚାଲିଛି । ବିଇଏମସିର ଆଇନ ବିଭାଗ ଏନେଇ ତର୍ଜମା କରୁଛି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ମତ ରଖିଛନ୍ତି । ଏଭଳି ଘଟଣା କେବଳ ଗଜପତିନଗର ଅଞ୍ଚଳରେ ହୋଇଛି ଏହା ନୁହେଁ ବରଂ ସହରରେ ବିଭିନ୍ନ ସ୍ଥାନରେ ଏଭଳି ଘଟଣା ଦେଖିବାକୁ ମିଳୁଛି । ତୁରନ୍ତ ଏଥିପ୍ରତି ବିଇଏମସି କର୍ତ୍ତୃପକ୍ଷ ଧ୍ୟାନ ଦେଇ ସରକାରୀ ଜମି ଓ ରାସ୍ତାଘାଟକୁ ଜବରଦଖଲ ମୁକ୍ତ କରିବାକୁ ସାଧାରଣରେ ଦାବି ହୋଇଛି ।

## ବିଜେଡିର ପ୍ରାର୍ଥୀ ଘୋଷଣା

# ବ୍ରହ୍ମପୁର ବିଧାନସଭାରୁ ଚ୍ୟାଉ ବାବୁ



**ବ୍ରହ୍ମପୁର,୩।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ଲାଗି ବିଜେଡି ତୃତୀୟ ପର୍ଯ୍ୟାୟରେ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଗଞ୍ଜାମର ପ୍ରାଣକେନ୍ଦ୍ର ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଦଳୀୟ ପ୍ରାର୍ଥୀ ହୋଇଛନ୍ତି । ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ରାଜନୀତିରେ ଲମ୍ବା କ୍ୟାରିୟର ବିତାଇଥିବା ଚ୍ୟାଉ ବେଶ ଅଭିଜ୍ଞ । ସେ ପୂର୍ବରୁ ଲଗାତାର ଏହି ଆସନରୁ ବିଜୟୀ ହୋଇ ଆସୁଥିଲେ । ବର୍ତ୍ତମାନ ପୁଣି ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି । ଏନେଇ ସେ କହିଛନ୍ତି ଯେ, ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ଟିକଟ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ବ୍ରହ୍ମପୁରବାସୀଙ୍କ ସହିତ ସବୁବେଳେ ରହିଛି । ଲୋକଙ୍କ ସହ ଜଡ଼ିତ ରହିଛି । ସହରରେ ଅନେକ ବିକାଶ ହୋଇଛି । ଅଧୁରା କାର୍ଯ୍ୟ ମଧ୍ୟ ପୁରଣ ହେବ । ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ମୁଁ ପାଞ୍ଚଥର ବିଧାୟକ ହୋଇଥିଲି । ବର୍ତ୍ତମାନ ପୁଣି ସୁଯୋଗ ମିଳିଛି । ବହୁ ସଂଖ୍ୟାକ ଭୋଟରେ ବିଜୟୀ ହୋଇ ଲୋକଙ୍କ ଲାଗି କାମ କରିବି ବୋଲି ସେ କହିଛନ୍ତି । ଆଜି ତାଙ୍କ ତାଙ୍କର ନାମ ଘୋଷଣା ହେବାପରେ ସମର୍ଥକ ଓ ଶୁଭେଚ୍ଛୁଙ୍କ ମହଲରେ ଖୁସି ପ୍ରକାଶ ପାଇଛି ।



ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ମାଛ ମାର୍କେଟରେ ବିଦ୍ୟୁତ୍ ସଂଯୋଗ ହେଲା ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

**ବ୍ରହ୍ମପୁର,୩।୪(ସମିସ):** ସୁବାରାଓ ଛକରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଜାରି ରହିଛି । ସଂଘ ପକ୍ଷରୁ ୫ଦଫା ଦାବି ନେଇ ଉକ୍ତ ସଂଘ ଧାରଣ ଦେଇଛି । ସେମାନଙ୍କ ଦାବି ଗୁଡ଼ିକ ହେଲା ଏଫପିପିର ସଂଶୋଧନ କରିବା, ୨୦୨୨ମସିହା ଫେବୃୟାରୀ ପରଠାରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ଭବିଷ୍ୟନିଧି ପାଣ୍ଠି ପ୍ରଦାନ କରିବା, ଇ.ପି. ଏଫ୍.ଓ. ପେନ୍‌ସନ୍ ଅନୁଯାୟୀ ବକେୟା ଥିବା ପେନ୍‌ସନ୍ ପ୍ରଦାନ କରିବା, ପେନସନ ଉପରେ ପ୍ରଦାନ କରାଯାଉଥିବା ଋଣର ସୁଧହାର ହ୍ରାସ କରିବା, କର୍ମଚାରୀଙ୍କଠାରୁ ଅତିରିକ୍ତ ଶତକଡା ୮.୩ ପିଏଫ୍ ରାଶି ଫେରସ୍ତ କରିବା ଓ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ସ୍କିମ୍ ପ୍ରଦାନ କରିବା ନେଇ ସଂଘ ଦାବି କରିଛି । ଉପରୋକ୍ତ ଦାବି ଗୁଡିକ ଶୀଘ୍ର ପୁରଣ ନେଇ ସଂଘ ପକ୍ଷରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଧାରଣାରେ ସଂଘର ସଭାପତି ପ୍ରମୋଦ ଚନ୍ଦ୍ର ପାଟ୍ଟଜୋଶି, ଉପସଭାପତି ହରିହର ମହାରଣା ଓ ଦିଗାମ୍ବର ପଣ୍ଡା, ସାଧାରଣ ସମ୍ପାଦକ ମାଧବ କୋଠିଆ, ସଂଗଠନ ସମ୍ପାଦକ ଚିନ୍ତାମଣି ସାହୁ, ଯଗ୍ମ ସମ୍ପାଦକ ଶୈଳେନ୍ଦ୍ର ନାଥ ଦାଶ, କୋଷାଧ୍ୟକ୍ଷ ସତ୍ୟନାରାଣ ପାତ୍ର, ମଧୁସୂଦନ ରାଓ, ଗୋପାଳ କୃଷ୍ଣ ପତିଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ ।




## ଯୁବକଙ୍କୁ ସିମେଣ୍ଟ ଇଟାରେ ଛେଚି ହତ୍ୟା

# ଗିରଫ ମହିଳାଙ୍କୁ କୋର୍ଟଚାଲାଣ

**ବ୍ରହ୍ମପୁର,୩।୪(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ପୁଟିପଦର ଗ୍ରାମରେ ବିଶ୍ୱନାଥ ବେହେରା(୨୫) ନାମକ ଜଣେ ଯୁବକକୁ ସିମେଣ୍ଟ ଇଟା ଛେଚି ହତ୍ୟା କରିବା ଅଭିଯୋଗରେ ପୁଲିସ ଜଣେ ମହିଳାକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଗିରଫ ମହିଳା ଜଣକ ହେଲେ ପୁଟିପଦର ତଳ ସାହିର ସୁନିତା ପ୍ରଧାନ(୩୧) । ସୂଚନାଯୋଗ୍ୟ ଯେ, ସୋମବାର ସ୍ଥାନୀୟ ପୁଟିପଦର ତଳ ସାହିର ଏକ ବୁଦା ମୂଳରୁ ପୁଲିସ ବଶ୍ୱନାଥ ବେହେରାଙ୍କ ମୃତ ଦେହ ଠାବ କରିଥିଲା । ଏନେଇ ମୃତ ବଶ୍ୱନାଥଙ୍କ ଭାଇ ରାଜେନ୍ଦ୍ର ବେହେରା ହତ୍ୟା ଅଭିଯୋଗ ଆଣିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା । ତଦନ୍ତ ବେଳେ ତଳ ସାହିରେ ରହୁଥିବା ସୁନିତା ପ୍ରଧାନ ସହିତ ବିଶ୍ୱନାଥଙ୍କ ସମ୍ପର୍କ ରହିଥିବା ପୁଲିସ ଜାଣିବାକୁ ପାଇଥିଲା । ସୋମବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ବିଶ୍ୱନାଥ ମାତ୍ରାଧିକ ମଦ୍ୟପାନ କରି ସୁନିତାକୁ ଗାଳି ଗୁଲଜ କରିବା ସହ ମାରପିଟ କରିଥିଲା । ସୁନିତା ଏଥିରେ ଉତ୍ତ୍ୟକ୍ତ ହୋଇ ଘର ରୋଷେଇ ଶାଳରେ ଥିବା ଏକ ସିମେଣ୍ଟ ଇଟାରେ ବିଶ୍ୱନାଥର ମୁଣ୍ଡକୁ ଆକ୍ରମଣ କରିଥିଲା । ଫଳରେ ଅତ୍ୟଧିକ ରକ୍ତସ୍ରାବ ହେବାରୁ ଘଟଣା ସ୍ଥଳରେ ବିଶ୍ୱନାଥର ମୃତ୍ୟୁ ହୋଇଥିଲା । ପରେ ନିକଟରେ ଥିବା ଏକ ବୁଦାରେ ବଶ୍ୱନାଥଙ୍କ ମୃତ ଦେହ ପକାଇବା ସହ ମୋବାଇଲକୁ ବାଲି ଗଦାରେ ପୋତି ଦେଇଥିଲା ସୁନିତା । ଏହାସହ ରକ୍ତ ଭିଜା କପଡାକୁ କିଛି ଦୂରରେ ଫୋପାଡ଼ି ଦେଇଥିଲା । ଯେଉଁ ସିମେଣ୍ଟ ଇଟାରେ ସୁନିତା ଆକ୍ରମଣ କରିଥିଲା, ଆକ୍ରମଣ ପରେ ଇଟାରେ ରକ୍ତ ଲାଗିଥିଲା । ପ୍ରମାଣ ନଷ୍ଟ କରିବା ପାଇଁ ସେହି ଇଟାକୁ ସୁନିତା ସାଙ୍ଗେ ସାଙ୍ଗେ ଧୋଇ ଦେଇଥିବା ପୁଲିସ ତଦନ୍ତରେ ଜଣାପଡିଥିଲା । ସାମାନ୍ୟ ଝଗଡାକୁ ନେଇ ଏହି ଘଟଣା ଘଟିଥିବା ପୁଲିସ ଜାଣିବାକୁ ପାଇଛି ।

# ଅସହ୍ୟ ଗରମରେ ସିଝୁଛି ବ୍ରହ୍ମପୁର

ବ୍ରହ୍ମପୁର,୩।୪(ସମିସ)

## ଥଣ୍ଡା ପାନୀୟ ଦୋକାନରେ ଜମୁଛି ଭିଡ଼



ସହରରେ ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅଗ୍ନି ବର୍ଷା ହେଉଛି । ଫଳରେ ଦିନ ମଜୁରିଆ, ଶ୍ରମିକ, ତାତିରୁ ତ୍ରାହି ପାଇବାକୁ ରାସ୍ତାଘାଟର ଦୋକାନ ଓ ଗଛମୂଳ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ଶୋଷ ମେଣ୍ଟାଇବାକୁ ପଇଡ, ଆଖୁ, ତରଭୁଜ, ଜୁସ୍, ଜୁସ ଓ ସରବତ ଆଦି ଦୋକାନରେ ଲୋକଙ୍କ ବେଶ୍ ଭିଡ ଜମୁଛି । ବେପାରୀଙ୍କ ପାଇଁ ତାତି ସେମାନଙ୍କ ବ୍ୟବସାୟକୁ ଦ୍ୱିଗୁଣିତ କରିଛି । ସେଥିମଧ୍ୟରୁ ଅଧିକ ଲୋକ ଲସି ଦୋକାନରେ ଭିଡ ଜମାଉଛନ୍ତି । ସହର ମଧ୍ୟରେ ଥିବା ହନୁମାନ ବଜାର, ଗିରି ମାର୍କେଟ ଛକ, ଗେଟବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ନୂଆ ବସଷ୍ଟାଣ୍ଡ, ଇଞ୍ଜିନିୟରିଂ ସ୍କୁଲ ଛକ ଓ କମାପଲ୍ଲୀ ଭଳି ଛକ ଗୁଡିକରେ ଥିବା ଲସି ଦୋକାନରେ ଗ୍ରାହକଙ୍କ ଭିଡ଼ ଜମାଇଥିବା ଦେଖିବାକୁ ମିଳୁଛି । ବ୍ୟବସାୟୀମାନେ ରସାବଳି, ବାଦାମ ମିଲ୍କ, ଆମ୍ବରସ, ମିକ୍ସି ଜୁସ ଓ ଲସି ପରି ପ୍ରାୟ ୬ରୁ ୮ପ୍ରକାର ବିଭିନ୍ନ ଫଳ ରସ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଏହା ୨୫ଟଙ୍କାଠାରୁ ଆରମ୍ଭ କରି ୬୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ଏହି ଦିନ ଗୁଡ଼ିକରେ ଲସିର ଚାହିଦା ବୃଦ୍ଧି ରହିଥାଏ । ଅନ୍ୟ ଦିନ ଅପେକ୍ଷା ପ୍ରାୟ ୪ରୁ ୬ଗୁଣ ବ୍ୟବସାୟ ଅଧିକ ହେଉଥିବା ବ୍ୟବସାୟୀମାନେ କହିଛନ୍ତି । ସେହିପରି ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଝାଞ୍ଜି ପବନ, ସେଥିରେ ପୁଣି ବଳି ଯାଉଛି ଗୁଳଗୁଳି । ସପ୍ତାହେ ହେବ ବ୍ରହ୍ମପୁର ସହରରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହୁଛି । ଆକାଶରେ ସୂର୍ଯ୍ୟଙ୍କ ପ୍ରଖର ରୌଦ୍ର ତାପରେ ଅସ୍ତବ୍ୟସ୍ତ ହୋଇପଡିଛି ଜନଜୀବନ । ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଗାମୁଛା ପିନ୍ଧିଛି ତ ଆଉ କାହାର ସାହା ପାଲଟିଛି କଳା ଚଷମା । ଗତ କିଛି ଦିନ ହେବ ସହରର ତାପମାତ୍ରା ଧୀରେ ଧୀରେ ତାପମାତ୍ରା ବୃଦ୍ଧି ପାଉଥିବା ଜଣାପଡିଛି । ସେହିପରି ତାତି ବଢିବାରୁ ସକାଳ ହେଲେ ମାତ୍ରେ ଲୋକଙ୍କ ଚିନ୍ତା ବଢି ଯାଉଛି । ସନ୍ଧ୍ୟା ହେଲେ ହିଁ ଲୋକେ ଘରୁ ବାହାରୁଛନ୍ତି । ଯେଉଁମାନଙ୍କ କାମ ଅଛି ସେମାନେ ଛତା, ଟୋପି କମ୍ବା ମୁଣ୍ଡରେ ଗାମୁଛା ପକାଇ ବାହାରକୁ ଯାଉଛନ୍ତି । ଦିନ ୧୨ଟା ପରେ ରାସ୍ତାଘାଟରେ ଅଧିକ ମାତ୍ରାରେ ଲୋକ ଦେଖିବାକୁ ମିଳୁନାହିଁ । ଅନ୍ୟପକ୍ଷରେ ସହରରେ ବ୍ରହ୍ମପୁର ମହାନଗର ନିଗମ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା ହୋଇ ନାହିଁ । ଫଳରେ ଗରିବ ଶ୍ରେଣୀର ଲୋକମାନେ ଥଣ୍ଡା ବିଶୁଦ୍ଧ ପାଣି ପିଇବା ପାଇଁ ନାହିଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଯଥା ଶୀଘ୍ର ସହର ବିଭିନ୍ନ ସ୍ଥାନରେ ଜଳ ଛତ୍ର ଖୋଲିବାକୁ ଦାବି ହୋଇଛି ।

# ଇଷ୍ଟ ଜୋନ୍ ଇଣ୍ଟର ୟୁନିଭରସିଟି ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପାଇଁ ବିହାର ଗସ୍ତ

**ବ୍ରହ୍ମପୁର,୩।୪(ସମିସ):** ଚଳିତ ମାସରେ ହେବାକୁ ଥିବା ଇଷ୍ଟ ଜୋନ୍ ଇଣ୍ଟର ୟୁନିଭରସିଟି ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକ ଟିମ୍ ବିହାର ଗସ୍ତ କରିଛନ୍ତି । ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ମହାବିଦ୍ୟାଳୟର ୧୨ଜଣ ଛାତ୍ର ରହିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ବିହାରର ଦରଭଙ୍ଗା ସ୍ଥିତ ଏଲଏନଏମ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୬ଠାରୁ ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବେ । ଏହା ସହ ମ୍ୟାନେଜର ଭାବର ସୁଧାଂଶୁ ଅଗସ୍ତି ଓ କୋଚ ଭାବେ ରାଜ କୁମାର ପାତ୍ର ଗସ୍ତ କରିଛି । ଖେଳାଳିମାନଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପ୍ରଫେସର ଗଣେଶ ସେଠୀ, କ୍ରୀଡ଼ା ପରିଷଦର ସମ୍ପାଦକ ରବି ଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ରଥ, ସୁରେଶ ଚନ୍ଦ୍ର ପାଢ଼ୀ, ଏ. ତେଜଶ୍ୱରୀ, ରାଜେଶ କୁମାର ମହାନ୍ତି ଓ ବୃ. ସନ୍ଦୀପ କୁମାର ଦୋରା ଶୁଭେଚ୍ଛା ଜଣାଇଛନ୍ତି ।



### ଟ୍ରାକ୍ଟର-ଅଟୋ ମୁହାଁମୁହିଁ

# ବାଳକ ମୃତ, ୬ ଆହତ



ଦାରିଙ୍ଗବାଡି, ୩।୪(ସମିସ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅନ୍ତର୍ଗତ କୁଏରାଙ୍ଗା ଛକ ନିକଟ ବୁଲାଣିରେ ଟ୍ରାକ୍ଟର-ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ଟ୍ରାକ୍ଟରରେ ବସିଥିବା ସୁନ୍ଦରଦଣ୍ଡ ଗ୍ରାମର ରାଜୁ ପ୍ରଧାନ (୧୫)। ଆହତ ମାନେ ହେଲେ ଅଟୋରେ ବସିଥିବା କୁସିପଙ୍କା ଗ୍ରାମର ନିକୀମା ପ୍ରଧାନ, ଚନ୍ଦ୍ରିକା ପ୍ରଧାନ, ସୁମିତ୍ରା ପ୍ରଧାନ ରିତିକା ପ୍ରଧାନ ଓ ଟେପାରି ଗ୍ରାମର ନୟମି ପ୍ରଧାନ, ତମିତା ପ୍ରଧାନ। ରୀତିକା ପ୍ରଧାନ(୨୦) ଓ ଚନ୍ଦ୍ରିକା ପ୍ରଧାନ (୪୦)ଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ରେଫର କରାଯାଇଛି। ଟେପାରୀ ଓ କୁସିପଙ୍କା ଗ୍ରାମର ୮ ଜଣ ମହିଳା ଓ ପୁରୁଷ ଏକ ଅଟୋରେ ବସି ଦାରିଙ୍ଗବାଡି ଆସୁଥିବା ବେଳେ କୁଏରାଙ୍ଗା ଛକ ବୁଲାଣିରେ ବିପରୀତ ଦିଗରୁ ଏକ ଟ୍ରାକ୍ଟର ଆସୁଥିବା ବେଳେ ମୁହାଁମୁହଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରେ ହିଁ ରାଜୁ ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।

# ରାଇକିଆରେ ଖୋଲିଲା ଜଳଛତ୍ର



**ରାଇକିଆ, ୩।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବୁଧବାର ରାଇକିଆ ପଞ୍ଚାୟତ ପକ୍ଷରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ସରପଞ୍ଚ ଗୀତାଞ୍ଜଳି ନାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ବସଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାର, ବିଜୟ ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ଜନଗହଳି ପୂର୍ଣ୍ଣ ସ୍ଥାନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଆଗକୁ ଆହୁରି ଅଧିକ ସ୍ଥାନରେ ମଧ୍ୟ ଜଳଛତ୍ର ଖୋଲାଯିବାକୁ ସ୍ଥିର ହୋଇଛି। ସରପଞ୍ଚଙ୍କ ସହ ୱାର୍ଡମେମ୍ବର ମିଟୁ ବିଶ୍ୱାଳ, ରାଜକିଶୋର ପରିଛା ଓ ସାନ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯେଉଁ ୱାର୍ଡରେ ଜଳ ସମସ୍ୟା ରହିଛି ସେଠାରେ ମଧ୍ୟ ଟ୍ୟାଙ୍କରରେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ଶ୍ରୀମତୀ ନାୟକ କହିଛନ୍ତି।

# ବିଦ୍ୟୁତ୍ ସ୍ପର୍ଶରେ ବୃଦ୍ଧ ମୃତ

**ଚକାପାଦ, ୩।୪(ସମିସ):** ବିଦ୍ୟୁତ ସ୍ପର୍ଶରେ ଆସିଯିବାରୁ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନପଡ଼ା କୁସୁମେଣ୍ଡି ପଞ୍ଚାୟତ ଅଣ୍ଡୁଗୁଡା ଗ୍ରାମର ପଦ୍ମଚରଣ ପ୍ରଧାନ(୬୪)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ଟିକାବାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ଥାନା ଅଧିକାରୀ କଲ୍ୟାଣୀମୟୀ କ୍ଷେଣ୍ଟ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ପଦ୍ମଚରଣ ଘରେ ଏକୁଟିଆ ଥିବା ବେଳେ ଅପରାହ୍ନରେ ନିଜର ପୋଷାକ ଇସ୍ତ୍ରୀ କରୁଥିଲେ। ଅସାବଧାନତା ଯୋଗୁ ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ମୃତ୍ୟୁ ହୋଇଥିଲା। ୧୫ ବର୍ଷ ପୂର୍ବେ ତାଙ୍କ ପତ୍ନୀଙ୍କ ପରଲୋକ ହୋଇଯାଇଛି। ତିନି ଝିଅ ବାହା ହୋଇସାରିଛନ୍ତି। ସେ ଏକାକୀ ରହୁଥିବା ଗ୍ରାମବାସି କହିଛନ୍ତି।

# ଜି.ଉଦୟଗିରିରେ ଖୋଲିଲା ଜଳଛତ୍ର



**ଜି.ଉଦୟଗିରି, ୩।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଦିନ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିଯୋଗୁଁ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି। ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ ସକାଳୁଆ ହୋଇଥିବା ବେଳେ ମୁଣ୍ଡ ଫଟା ଖରାରେ ଯାତ୍ରୀ ସିଝୁଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ କାରଣରୁ ଦିନ ୧୨ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବଜାର ଘାଟ ଜନଶୂନ୍ୟ ହୋଇପଡୁଛି। ଖରା ଯୋଗୁଁ ଥଣ୍ଡା ପାନୀୟ ଦୋକାନରେ ଭିଡ ଜମୁଛି। ଖରାକୁ ଦୃଷ୍ଟିରେ ରଖି ଏନଏସି ତରଫରୁ ବିଦ୍ୟୁତ ଅଫିସ ଛକ, ପୋଷ୍ଟ ଅଫିସ ଛକରେ ଜଳଛତ୍ର ଖୋଲା ଯାଇଛି। ପୂର୍ବରୁ ଶ୍ରୀରାମପଦା, ବନ୍ଧଛକ, ତହସିଲ କାର୍ଯ୍ୟାଳୟ ନିକଟରେ ସ୍ଥାୟୀ ଶୀତଳ ପାନୀୟ ଜଳ କେନ୍ଦ୍ର ଖୋଲାଯାଇଥିଲା। ତାହା ଏବେ ବହୁ ଉପଯୋଗୀ ହୋଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଯାତ୍ରୀ ବିଶ୍ରାମାଗାର ସମ୍ପୂର୍ଣ୍ଣ ହୋଇପାରି ନ ଥିବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରତିଭା କହଁରଙ୍କୁ କୁଇ ସମାଜର ବିରୋଧ



**ଫିରିଙ୍ଗିଆ, ୩।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ସାରା ରାଜ୍ୟ ରେ ଉଷ୍ମତା ଦେଖା ଦେଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ମଧ୍ୟ ଅନୁରୂପ ପରିସ୍ଥିତି ରହିଛି। କନ୍ଧମାଳ ଜିଲ୍ଲାରେ ତିନୋଟି ବିଧାନସଭା ଆସନ ରହିଥିବା ବେଳେ ସମୁଦାୟ ସାତଟି ନିର୍ବାଚନମଣ୍ଡଳୀକୁ ନେଇ କନ୍ଧମାଳ ସଂସଦୀୟ କ୍ଷେତ୍ର ଗଠିତ ହୋଇଛି। ଫୁଲବାଣୀ ବିଧାନସଭା ଆସନ ପାଇଁ ବିଜେପି ଉମାଚରଣ ମଲିକଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପ୍ରତିଭା କହଁରଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ସେହିପରି ବାଲିଗୁଡା ଆସନ ପାଇଁ ବିଜେପି କଳ୍ପନା କୁମାରୀ କହଁରଙ୍କୁ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ ସୁରଦା ପ୍ରଧାନଙ୍କୁ ଟିକେଟ ଦେଇଛି। ସେହିଭଳି ଉଦୟଗିରି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରଫୁଲ୍ଲ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ବିଜେପି ମାନଗୋବିନ୍ଦ ପ୍ରଧାନ ଓ ବିଜେଡି ପୁଣିଥରେ ସାଲୁଗା ପ୍ରଧାନଙ୍କ ଉପରେ ଆସ୍ଥାପ୍ରକଟ କରି ଟିକେଟ ଦେଇଛି। କିଛିଦିନ ପୂର୍ବେ ବାଲିଗୁଡା ବିଧାନସଭା ବିଜେପି ବିଧାୟକ ପ୍ରାର୍ଥୀ କଳ୍ପନା କୁମାରୀ କହଁରଙ୍କୁ ଅଣଆଦିବାସୀ କହି କୁଇସମାଜ ବିରୋଧ କରିବା ସହ ପ୍ରତିବାଦ କରିଥିବା ବେଳେ ଅନୁରୂପ ଭାବରେ ବୁଧବାର ଫୁଲବାଣୀ ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀନୀ ପ୍ରତିଭା କହଁରଙ୍କୁ କୁଇସମାଜ ତରଫରୁ ବିରୋଧ କରାଯାଇଛି। ବୁଧବାର ଫିରିଙ୍ଗିଆରେ ଥିବା କୁଇସମାଜ ସେବା ସମିତି ସଭାଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁଇସମାଜ କଂଗ୍ରେସ ପ୍ରାର୍ଥୀଙ୍କୁ ବିରୋଧ କରୁଥିବା ନେଇ ସୂଚନା ଦେଇଛନ୍ତି କୁଇ ସମାଜ ଫିରିଙ୍ଗିଆ ଶାଖା ର ବ୍ଲକ ସଭାପତି ମୁକୁନ୍ଦ କହଁର। କଂଗ୍ରେସ ଦେଇଥିବା ବିଧାୟକ ପ୍ରାର୍ଥୀ ଜଣକ ଜଣେ ଅଣଆଦିବାସୀ ବୋଲି କହିବା ସହ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ଆସନକୁ ପ୍ରକୃତ ଆଦିବାସୀଙ୍କୁ ନଦେଇ ଅଣଆଦିବାସୀଙ୍କୁ ଟିକେଟ ଦିଆଯାଇଛି ଏବଂ ଏହାକୁ କୌଣସି ମତରେ କୁଇସମାଜ ଗ୍ରହଣ କରିବ ନାହିଁ ବୋଲି କହିଥିବା ବେଳେ ଆଗାମୀ ଦିନରେ ରାଜନୈତିକ ଦଳ ଯଦିଏହା ଉପରେ ପୁନଃବିଚାର ନକଲେ କୁଇସମାଜ ଏହାର ବିରୋଧ କରିବ। ଆବଶ୍ୟକ ପଡ଼ିଲେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ କୁହାଯାଇଛି। ପ୍ରଥମେ ଏହି ବିରୋଧ ଫିରିଙ୍ଗିଆରୁ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଜିଲ୍ଲା ବ୍ୟାପି କୁଇସମାଜ ଏଭଳି ବିରୋଧ ଜାରିରଖିବା ସହ ଆଇନର ମଧ୍ୟ ଆଶ୍ରୟ ନେବ ବୋଲି କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ କୁଇ ସମାଜ ବ୍ଲକ ସଭାପତି ମୁକୁନ୍ଦ କହଁରଙ୍କ ସହ ଶାଖା ଉପସଭାପତି ପୁରନ୍ଦର କହଁର, କେନ୍ଦ୍ର କୁଇସମାଜ ମହିଳା ସଭାପତି ଗୀତାଞ୍ଜଳି କହଁର, କୁଇଭାଷା ସାହିତ୍ୟ ସମିତି ରାଜ୍ୟ ସଭାପତି ଦୀନବନ୍ଧୁ କହଁର, କନ୍ଧମାଳ ମିଳିତ ମଞ୍ଚ ସଭାପତି ସମୀର ଘଟାଲ, କୁଇସମାଜ ସେବା ସମିତି ପୂର୍ବତନ କେନ୍ଦ୍ର ସମ୍ପାଦକ ତଥା ମହେନ୍ଦ୍ର ମାଲିକ ଓ କୁଇ ସମାଜ ସଦସ୍ୟ ଉମାକାନ୍ତ କହଁରଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

# ପାରଳାରେ କଂଗ୍ରେସର ପରିବର୍ତ୍ତନ ସମାବେଶ



**ପାରଳାଖେମୁଣ୍ଡି, ୩।୪(ସମିସ):** ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ କଂଗ୍ରେସ ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଘୋଷଣାର ଦିନକ ପରେ ବୁଧବାର ବହୁ ସଂଖ୍ୟାରେ କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଥିଲା। ସକାଳେ ଜିଲ୍ଲା କଂଗ୍ରେସ ଭବନରୁ ବହୁ ସଂଖ୍ୟାରେ କର୍ମୀ ତଥା ଜନସାଧାରଣ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ବୃନ୍ଦାବନ ପ୍ୟାଲେସ ପରିସରରେ ସାଧାରଣ ବୈଠକ ହୋଇଥିଲା। ଏଥିରେ ଶ୍ରୀ ପଟ୍ଟନାୟକ ପଟ୍ଟନାୟକ ଏବଂ ଦଳର ବହୁ ବରିଷ୍ଠ ନେତାଙ୍କ ସହ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ଗୁମ୍ମା, ଗୋଷାଣି ଏବଂ କାଶୀନଗର ବ୍ଲକର ବହୁ ସଂଖ୍ୟାରେ ସମର୍ଥକ ଯୋଗ ଦେଇଥିଲେ।

# ଦେଶୀ ବନ୍ଧୁକ ରଖିଥିବା ଅଭିଯୋଗରେ ଜଣେ ଗିରଫ



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୩।୪(ସମିସ):** କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଅଧୀନସ୍ଥ ମହାଗୁଡି ଗ୍ରାମର ନିରଞ୍ଜନ କପାଟପାତ୍ରକୁ ବେଆଇନ ଦେଶୀ ବନ୍ଧୁକ ରଖିଥିବା ଘଟଣାରେ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା ସୂଚନା ପ୍ରଦାନ କରିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ବ୍ରାହ୍ମଣୀଗାଁ ପୁଲିସ୍ ଗତକାଲି ନିରଞ୍ଜନର ଘରରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ନିରଞ୍ଜନ ଘରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରାଯାଇଥିଲା। ନିରଞ୍ଜନଙ୍କୁ ଗିରଫ କରି ଥାନାକୁ ଅଣାଯାଇଥିଲା। ଫସଲକୁ ବନ୍ୟଜନ୍ତୁ ଦାଉରୁ ରକ୍ଷାକରିବା ପାଇଁ ବନ୍ଧୁକ ରଖିଥିଲେ ବୋଲି ସେ କହିଥିଲେ। ରଖିଥିବା କଥା କହିଛନ୍ତି ସେ। ବ୍ରାହ୍ମଣୀଗାଁ ପୁଲିସ୍ ନିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବିଶିଷ୍ଟ ହୋଟେଲ ବ୍ୟବସାୟୀଙ୍କ ପରଲୋକ



**ଛେଳିଗଡ଼, ୩।୪(ସମିସ) :** ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ର ପ୍ରତିଷ୍ଠିତ ହୋଟେଲ ବ୍ୟବସାୟୀ ଶିବ ଶଙ୍କର ସାହୁ(୫୪)ଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବୁଧବାର ସ୍ୱର୍ଗତ ଶିବଶଙ୍କର ମହେନ୍ଦ୍ରଗଡ଼ ସ୍ଥିତ ନିଜ ବାସଭବନରେ ଥିବା ବେଳେ ହୃଦଘାତରେ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ସାହୁ ମହେନ୍ଦ୍ରଗଡ଼ ଓ ପାରଳାଖେମୁଣ୍ଡି ଆଦି ସ୍ଥାନରେ ବୁଢ଼ୁ ହୋଟେଲ ନାମରେ ବ୍ୟବସାୟ କରି ବେଶ ଖ୍ୟାତି ଲାଭ କରିଥିଲେ।

# ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

**ଫୁଲବାଣୀ, ୩।୪(ସମିସ):** କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର୍, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ନିର୍ବାଚନ ସହ ଜଡ଼ିତ ବିଭାଗୀୟ ଅଧିକାରୀଙ୍କ ସହିତ କ୍ଲଷ୍ଟର ବୁଥ୍- ରୁଟ୍ ଚାର୍ଟ, ମତଦାନ କେନ୍ଦ୍ରରେ ବିଦ୍ୟୁତିକରଣ ସହିତ ୱେବ୍‌କ୍ୟାମ୍ ଏବଂ ଫ୍ୟାନ୍ ପାଇଁ ପ୍ଲଗ୍ ପଏଣ୍ଟ, ମତଦାନ ଦିନ ପୋଲିଂ ପାର୍ଟି ପାଇଁ ଖାଦ୍ୟ ବ୍ୟବସ୍ଥା ନିମନ୍ତେ ପାଚିକାଙ୍କୁ ଚିହ୍ନଟ, ବିଏଲ୍‌ଓ ଆପ୍‌ରେ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରିବା, ଗୃହରେ ମତଦାନ ପାଇଁ ୮୫ ରୁ ଅଧିକ ବୟସର ଏବଂ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଯୋଗ୍ୟ ଭୋଟର ଚିହ୍ନଟ, ସେକ୍ଟର ଅଫିସର୍ ମ୍ୟାପ୍, ରନର୍/ସହାୟକ, ନେଟ୍ ସ୍ୟାଡୋ ଅଞ୍ଚଳ, ପିଇବା ପାଣି, ଉପକରଣ, ପୋଲିଂ ବୁଥ୍‌ରେ ପରିମଳ ବ୍ୟବସ୍ଥା, ସଖୀ ବୁଥ୍ ଓ ତହିଁରେ ଲଜିଷ୍ଟିକ୍ ବ୍ୟବସ୍ଥା, ପୁରୁଷ ରିଜର୍ଭ ପୋଲିଂ କର୍ମଚାରୀ ବିଶ୍ରାମ ଗୃହ ଓ ତହିଁରେ ଲଜିଷ୍ଟିକ୍ ବ୍ୟବସ୍ଥା, ନିଯୁକ୍ତ ହୋଇଥିବା ପୁଲିସ ଓ ସେମାନଙ୍କ ପାଇଁ ଲଜିଷ୍ଟିକ୍ ବ୍ୟବସ୍ଥା, ଭିନ୍ନକ୍ଷମ ବୁଥ୍ ଏବଂ ସେମାନଙ୍କ ପାଇଁ ସାଇନେଜ୍, ହୁଇଲ୍ ଚେୟାର, ଇଭିଏମ୍ ପ୍ରଦର୍ଶନ, ଭୋଟର ସଚେତନତା କାର୍ଯ୍ୟକ୍ରମ, ମୁ ବି ମିତା, ଚୁନାବ୍ ପାଠଶାଳା, ବୁଥ୍ ଆୱାର୍‌ନେସ୍ ଗ୍ରୁପ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ ଭାଷାରେ ବ୍ୟାନର୍, ପୋଷ୍ଟର ଇତ୍ୟାଦି ଉପରେ ଆଲୋଚନା କରିଥିଲେ। ସେହିପରି, ସିଆର୍‌ପିସି ଧାରା ଅଧିନରେ ଅଭ୍ୟାସଗତ ଅପରାଧୀଙ୍କ ଦ୍ୱାରା ଦିଆଯାଉଥିବା ଲିଖିତ ପ୍ରତିଶ୍ରୁତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ(ନିର୍ବାଚନ) ରମେଶ ଚନ୍ଦ୍ର ଜେନା, ଉପ ଜିଲ୍ଲାପାଳ ଚିରଞ୍ଜନ ମହନ୍ତଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଡେପୁଟି କଲେକ୍ଟର, ଟିପି ଏସ୍‌ଓଡିଏଲ୍‌ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ଏବଂ ନିର୍ବାଚନ ସହିତ ସଂଶ୍ଳିଷ୍ଟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### କିମ୍ବସିଂ ଗାଁକୁ ଅବହେଳା

# ସର୍ବନିମ୍ନ ଆବଶ୍ୟକତା ପାଇଁ ଯିବାକୁ ପଡୁଛି ୯ କିଲୋମିଟର

ପାରଳାଖେମୁଣ୍ଡି, ୩।୪(ସମିସ)







ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ଅନଗାଁ ପଞ୍ଚାୟତ ଅନ୍ତର୍ଗତ କିମ୍ବସିଂ ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ଏହି ଗ୍ରାମ ଅପହଞ୍ଚ ଅଞ୍ଚଳରେ ରହିଥିବା ବେଳେ ଗ୍ରାମବାସୀ ବହୁ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି। ଆଜି ବି ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟ ଜଳ ଭଳି ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି ଗ୍ରାମବାସୀ। କିମ୍ବସିଂ ଅନଗାଁ ପଞ୍ଚାୟତ ସଦରଠାରୁ ୯ କିମି ଦୂରରେ ଅବସ୍ଥିତ। ବନପାହାଡ଼ ଘେରା ଗ୍ରାମରେ ସମୁଦାୟ ୩୦ ଘର ରହିଛି। ଏହି ଗ୍ରାମ ଉପରେ ତିଳିରଙ୍ଗର ୯ଘର, ବଡିଆରର ୯ ଘର, ଦଳେସାହିର ୧୦ ଘର ଏପରି ଏହି ୩ ଗ୍ରାମବାସୀ ନିର୍ଭର କରିଥାନ୍ତି। ଦୁର୍ଗମାଞ୍ଚଳରେ ରହିଥିବା ଏବଂ ଏହି ଗ୍ରାମକୁ ରାସ୍ତାଘାଟ ନ ଥିବା ଯୋଗୁଁ ଲୋକେ ପାଦଚଲାରେ ପାହାଡ଼ ଚଢ଼ି ଅତି କଷ୍ଟସ୍ୱୀକାର କରି ଯାତାୟାତ କରୁଛନ୍ତି। ରାସ୍ତାଘାଟ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଆସିପାରୁନି। କାହାରି ଦେହ ଖରାପ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେଲେ ଦୋଳି ବାନ୍ଧି ୯ କିମି ପାହାଡ଼ିଆ ପାଦଚଲା ରାସ୍ତାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥାଏ। ସେହିପରି ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ, ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଲୋକେ ବାଧ୍ୟ ହୋଇ ଝରଣାରୁ ପାଣି ଆଣିବା ସହ ପ୍ରତିକ୍ଷେତ୍ରରେ ଅନଗାଁ ପଞ୍ଚାୟତ ସଦର ମହକୁମା ପର୍ଯ୍ୟନ୍ତ ୯ କିମି ବନଘେରା ପାହାଡ଼ିଆ ରାସ୍ତାରେ ଚାଲି ଚାଲି ଯାତାୟାତ କରିଥାନ୍ତି। ଏହା ସହ ରା.ଉଦୟଗିରି କିମ୍ବା ରାମଗିରିକୁ ବଜାରହାଟ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ପାଇଁ ନିର୍ଭର କରିଥାନ୍ତି। ଏହା ସହ ରାମଗିରି ଓ ରା.ଉଦୟଗିରିକୁ ମଧ୍ୟ ଏହି କିମ୍ବସିଂ ଗ୍ରାମଠାରୁ ପାଦଚଲାରେ ହିଁ ଯାତାୟାତ କରିଥାନ୍ତି। ଗ୍ରାମ ଆଦିବାସୀ ବହୁଳ ହୋଇଥିବା ବେଳେ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ କୌଣସି ସୁବିଧା କରାଯାଇ ନ ଥିବାର ଗ୍ରାମବାସୀ ପ୍ରକାଶ କରିଛନ୍ତି। ବେଳେ ବେଳେ ଅନ୍ୟାନ୍ୟ କାମ ପାଇଁ ଗଞ୍ଜାମ ଜିଲ୍ଲାର ତୁରୁବୁଡି ଗ୍ରାମ ଉପରେ ନିର୍ଭର କରିଥାନ୍ତି। ତୁରୁବୁଡି ଯିବାକୁ ହେଲେ ବାଘଲଟି ଡ୍ୟାମ ଦେଇ ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗାରେ ଯିବାକୁ ପଡ଼ିଥାଏ। ଗ୍ରାମବାସୀ ମୁଖ୍ୟତଃ ବନଜାତ ଦ୍ରବ୍ୟ ଏବଂ ବାଡ ପଦରରେ ମାଣ୍ଡିଆ, ସୁଆଁ, ଜହ୍ନା ଆଦି ଅମଳ କରି ଜୀବିକା ନିର୍ବାହ କରିଥାନ୍ତି। ଜୀବିକା ପାଇଁ ଏହା ଯଥେଷ୍ଟ ହେଉ ନଥିବା କାରଣରୁ ଶ୍ରମିକ ଭାବେ କାମ କରିବାକୁ ବାହାରକୁ ଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଲୋକଙ୍କ ସାମୂହିକ ସମସ୍ୟାକୁ ଦୃଷ୍ଟି ଦେଇ କିମ୍ବସିଂ ଗ୍ରାମ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ତୁରନ୍ତ ମୌଳିକ ସୁବିଧା ଉପଲବ୍ଧ ନ କରାଇଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ କିମ୍ବସିଂ, ତିଳିରଙ୍ଗ, ବଡିଅର, ଦଳେସାହି ଗ୍ରାମବାସୀଙ୍କ ସହ ପୂର୍ବତନ ୱାର୍ଡ ସଭ୍ୟ ଘନଶ୍ୟାମ କାର୍ଯ୍ୟୀ, ଶ୍ୟାମ ପ୍ରଧାନ, ସୁବାସ ଚନ୍ଦ୍ର କାର୍ଯ୍ୟୀ, ଭୀମ କାର୍ଯ୍ୟୀ, ମକି କାର୍ଯ୍ୟୀ, ସମ୍ବାରୁ ଶବର, ସାରଥି ବେହେରା, ଡମ୍ବରୁ ଦଳବେହେରା, ନାରାୟଣ ବେହେରା, ବିପିନ ବିହାରୀ ବେହେରା ଚେତାବନୀ ଦେଇଛନ୍ତି।

## ବିଜେଡିର ପ୍ରାର୍ଥୀ ଘୋଷଣା

# ଖଲ୍ଲିକୋଟରେ ପୂର୍ଣ୍ଣ-ସୂର୍ଯ୍ୟମଣି ଲଢେଇ



**ଖଲ୍ଲିକୋଟ, ୩।୪(ସମିସ):** ଖଲ୍ଲିକୋଟ ପାଇଁ ବିଜେଡି ବୁଧବାର ପ୍ରାର୍ଥୀ ଘୋଷଣା କରିଛି। ପୁଣି ଥରେ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କୁ ଦଳ ସୁଯୋଗ ଦେଇଛି। ବିଜେପି ପୂର୍ବରୁ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ ଘୋଷଣା କରି ସାରିଛି। ତେଣୁ ଖଲ୍ଲିକୋଟ ସଂରକ୍ଷିତ ଆସନରେ ପୂର୍ଣ୍ଣ - ସୂର୍ଯ୍ୟମଣୀ ଲଢେଇ ସୁନିଶ୍ଚିତ ହୋଇଯାଇଛି। ପ୍ରାର୍ଥୀ ଘୋଷଣା ପରେ ସୂର୍ଯ୍ୟମଣୀ ବୈଦ୍ୟ ନିଜ ପ୍ରତିକ୍ରିୟାରେ ଦଳ ଲୋକଙ୍କ ସେବା କରିବା ପାଇଁ ପୁଣି ଥରେ ସୁଯୋଗ ଦେଇ ଥିବାରୁ ଦଳ ସୁପ୍ରିମୋଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯାହା ଅଧୁରା ରହିଥିଲା ସେ ସବୁ ପୁରା କରିବା ପାଇଁ ସୁଯୋଗ ମିଳିଛି ବୋଲି ସେ କହିଛନ୍ତି। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ଜନସାଧାରଣ ତାଙ୍କୁ ସେବା ପାଇଁ ଥରେ ସୁଯୋଗ ଦେଇଥିଲେ ଏବେ ପୁଣିଥରେ ସୁଯୋଗ ଦେବେ ବୋଲି ସୂର୍ଯ୍ୟମଣୀ ଆଶାବାଦୀ ଅଛନ୍ତି। ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ବିଜେପିରୁ ପ୍ରାର୍ଥୀ ଘୋଷଣା ହେବା ପରେ ଆଜି ଅପରାହ୍ନରେ ଭୁବନେଶ୍ୱରରୁ ଆସି ଖଲ୍ଲିକୋଟରେ ପହଞ୍ଚି ଥିଲେ। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ କଂଗ୍ରେସ ନେତା ମାନେ ହାତ ବାନ୍ଧି ବସିଥିବା ଦେଖିବାକୁ ମିଳିଛି।

## ଦ୍ୱିତୀୟ ଥର ପାଇଁ ବିଧାୟିକା ପ୍ରାର୍ଥୀ ହେଲେ ମଞ୍ଜୁଳା

**ଆସିକା, ୩।୪(ସମିସ):** ଦ୍ୱିତୀୟ ଥର ଲାଗି ଆସିକା ବିଧାନସଭା ମଣ୍ଡଳୀର ବିଜେଡି ବିଧାୟିକା



ପ୍ରାର୍ଥୀ ଭାବେ ମଞ୍ଜୁଳା ସ୍ୱାଇଁଙ୍କ ନାମ ଘୋଷଣା ହୋଇଛି। ୨୦୧୯ରେ ପ୍ରଥମ ଥର ପାଇଁ ମଞ୍ଜୁଳା ବିଧାୟିକା ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ତେବେ ୨୦୧୯ରେ ଆସିକା ନିର୍ବାଚନମଣ୍ଡଳୀରୁ ମୋଟ ୫୫.୫ ପ୍ରତିଶତ ଭୋଟ ହାରରେ ୬୭୮୭୨ ଭୋଟ ପାଇ ବିଧାୟିକା ଭାବେ ବିଜୟ ଲାଭ କରିଥିଲେ। ପୂର୍ନରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁଳାଙ୍କ ଉପରେ ଆଶା ଓ ଭରସା କରି ଟିକେଟ ପ୍ରଧାନ କରିଥିବାରୁ ବିଧାୟିକାଙ୍କ ସମର୍ଥକ ମାନେ ପରସ୍ପରକୁ ମିଠା ଖୁଆଇ, ବାଣ ଫୁଟାଇ ସେଲିବ୍ରେସନ କରିଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ଯେଉଁ ସବୁ ଯୋଜନା ଗୁଡିକ ରୂପାନ୍ତରିତ କରିଥିଲେ ସେଗୁଡ଼ିକୁ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଅଧିକ ତ୍ୱରାନ୍ୱିତ କରିବାକୁ ବିଧାୟିକା ପ୍ରକାଶ କରିଛନ୍ତି।

## ବିଧାୟକ ପାଲଙ୍ଗରୁ ଆରମ୍ଭ କଲେ ନିର୍ବାଚନୀ ପ୍ରଚାର



**ଗଞ୍ଜାମ, ୩।୪(ସମିସ):** ଗଞ୍ଜାମ ବ୍ଲକର ପାଲଙ୍ଗ ପଞ୍ଚାୟତରୁ ବହୁ ବିଜେଡି କର୍ମୀଙ୍କୁ ନେଇ ଗଞ୍ଜାମ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନିର୍ବାଚନରେ ଛତ୍ରପୁରର ବିଜେଡି ପ୍ରାଥି ସୁବାସ ଚନ୍ଦ୍ର ବେହେରାଙ୍କୁ ବିପୁଳ ଭୋଟରେ ବିଜୟୀ କରାବାକୁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ଗତଥର ନିର୍ବାଚନ ଅପେକ୍ଷା ଚଳିତ ବର୍ଷ ଦୁଇ ଗୁଣା ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରିବା ସହ ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ କର୍ମୀଙ୍କୁ ପ୍ରଯ୍ୟବେକ୍ଷିକ ନାରାୟଣ ଜେନା ଆହ୍ୱାନ ଦେଇଥିଲେ। ବିଧାୟକ ସୁବାସ ବେହେରା ଜଣେ ଉତ୍ତମ ଚରିତ୍ରବାନ ବ୍ୟକ୍ତି ସେଥିପାଇଁ ଦଳ ସୁପ୍ରିମୋ ତାଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରି ଦ୍ୱିତୀୟ ଥର ପାଇଁ ବିଧାୟକ ଟିକେଟ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉର୍ନତିମୂଳକ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ବୈଠକରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି ପାପା ରାଓ, ପୂର୍ବତନ ସମିତି ମେମ୍ବର କୈଳାଶ ସ୍ୱାଇଁ, ଯୁବନେତା ଲିଙ୍ଗରାଜ ମହାପାତ୍ର ପ୍ରମୁଖଙ୍କ ସହ ରମ୍ଭା ଓ ଗଞ୍ଜାମ ବ୍ଲକ ଅଞ୍ଚଳର ବହୁ ନେତା କର୍ମୀ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡିରୁ ଇଂ. ରୂପେଶ ପାଣିଗ୍ରାହୀ ବିଜେଡି ପ୍ରାର୍ଥୀ

**ପାରଳାଖେମୁଣ୍ଡି, ୩।୪(ସମିସ):** ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା କରିଛନ୍ତି।



ପାରଳାଖେମୁଣ୍ଡି ଆସନ ପାଇଁ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ବିଜେଡି ଟିକେଟରେ ପ୍ରତିଦ୍ୱନ୍ଦୀତା କରିବେ। ରୂପେଶ ରାଜନୀତିରେ ନୂଆ ଚେହେରା ହୋଇଥିଲେ ମଧ୍ୟ ତାଙ୍କ ପିତା ହାଇଟେକ ଗ୍ରୁପର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ରାଜନୀତିରେ ପ୍ରଭାବ ରହିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଉଭୟେ ପିତାପୁତ୍ର ବିଜେଡିରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟ ଶିବିର, କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରୁଥିଲେ। ସେହିପରି ମୋହନା ବିଜେଡି ବିଧାୟକ ପ୍ରାର୍ଥୀ ଘୋଷଣା ହୋଇଥିବା ଅନ୍ତର୍ଯ୍ୟାମୀ ଗମାଙ୍ଗ ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା। ସେ ତାଙ୍କ ଛାତ୍ରଜୀବନରୁ ହିଁ ରାଜନୀତି ଆରମ୍ଭ କରିଥିବା ବେଳେ ଥରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷ, ଥରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ, ଦୁଇ ଥର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଏ ନେଇ ଉଭୟ ବିଧାୟକ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଯେଉଁ ଆସ୍ଥା ନେଇ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରାଇଛନ୍ତି ବିଜୟ ଲାଭ କରି ଲୋକଙ୍କ ସେବାରେ ନିୟୋଜିତ ରହିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ଅନ୍ତର୍ଯ୍ୟାମୀ ଗମାଙ୍ଗ ମୋହନା ବିଜେଡି ପ୍ରାର୍ଥୀ

**ମୋହନା, ୩।୪(ସମିସ):** ଗଜପତି ଜିଲ୍ଲା ମୋହନା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା ହୋଇଛି। ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ। ୨୦୧୯ ନିର୍ବାଚନରେ ତାଙ୍କ ପତ୍ନୀ ପୂର୍ଣ୍ଣବାସୀ ନାୟକ ବିଜେଡି ପ୍ରାର୍ଥୀ ଥିବାବେଳେ ଚଳିତ ନିର୍ବାଚନ ପାଇଁ ପୁଣି ତାଙ୍କୁ ପ୍ରାର୍ଥୀ କରିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ



ଭି କେ ପାଣ୍ଡିଆନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ମଙ୍ଗଳବାର କଂଗ୍ରେସ ପୁଣିଥରେ ବିଧାୟକ ଦାଶରଥି ଗମାଙ୍ଗଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ତେଣୁ ମୋହନା ବିଧାନସଭା ଆସନ ପାଇଁ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଏବେ ସମସ୍ତଙ୍କ ନଜର ବିଜେପି ଉପରେ ରହିଛି। ବିଜେଡି ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ୨୦୦୯ ନିର୍ବାଚନରେ ବିଜେପି ଟିକେଟରେ ଲଢ଼ି ମାତ୍ର ୯୦୦ ଭୋଟ ବ୍ୟବଧାନରେ କଂଗ୍ରେସର ଚକ୍ରଧର ପାଇକଙ୍କ ଠାରୁ ପରାସ୍ତ ହୋଇଥିଲେ। ଏହାପରେ ୨୦୧୪ ରେ ବିଜେପି ଅନ୍ତର୍ଯ୍ୟାମୀଙ୍କୁ ଟିକେଟ ନ ଦେବାରୁ ସେ ବିଜେଡିରେ ଯୋଗ ଦେଇଥିଲେ। ଏହାପର ଠାରୁ ମୋହନା ନିର୍ବାଚନମଣ୍ଡଳୀରେ ବିଜେଡିର ମଙ୍ଗ ଧରି ଆସିଛନ୍ତି ଅନ୍ତର୍ଯ୍ୟାମୀ। ଯାହାର ଫଳ ସ୍ୱରୂପ ୨୦୧୯ ରେ ତାଙ୍କ ପତ୍ନୀ ପୂର୍ଣ୍ଣବାସୀଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ତେବେ ୨୩୫୪ ଭୋଟ ବ୍ୟବଧାନରେ ସେ କଂଗ୍ରେସର ଦାଶରଥି ଗମାଙ୍ଗଙ୍କ ଠାରୁ ପରାସ୍ତ ହୋଇଥିଲେ। ଟିକେଟ ଘୋଷଣା ପରେ ମୋହନା ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମୋହନା ହାଇସ୍କୁଲ ଛକରେ ଆତସବାଜି ଫୁଟାଇ ଖୁସି ମନାଇଛନ୍ତି ବିଜେଡି କର୍ମୀ।

## ପୂରଣ ହେଲାନି ଏମ୍‌ଜିକ୍ୟୁ

# ୧୦ ଠିପିବନ୍ଦ ମଦ ଦୋକାନରେ ତାଲା

**ବ୍ରହ୍ମପୁର, ୩।୪(ସମିସ)**

ମିନିମମ ଗ୍ୟାରେଣ୍ଟି କୋଟା(ଏମଜିକ୍ୟୁ) ପୁରଣ ନହେବାରୁ ବ୍ରହ୍ମପୁର ସହରର ୧୦ରୁ ଅଧିକ ଠିପିବନ୍ଦ ମଦ ଦୋକାନରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଚଳିତମାସ ୧ତାରିଖ ଠାରୁ ଏହି ବିଦେଶୀ ମଦ ଦୋକାନ ଗୁଡିକ ବନ୍ଦ ରହିଥିବା ଜଣାପଡ଼ିଛି। ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ମଦ ଦୋକାନ ପ୍ରତି ମାସରେ ୧୦୪୬ପେଟି ବିୟର ଏବଂ ୮୮୦ପେଟି ଲିକର୍ ଉଠାଣ କରିବା କଥା। ସେଥିରେ ବ୍ୟତିକ୍ରମ ହେଲେ ଉକ୍ତ ମଦ ଦୋକାନ ଗୁଡ଼ିକରେ କିଣାବିକା ନେଇ ସରକାରଙ୍କ ପକ୍ଷରୁ ରୋକ ଲଗାଯାଇଥାଏ। ସେହିକ୍ରମରେ ବ୍ରହ୍ମପୁର ସହରର ଟାଟାବେଞ୍ଜ ଛକ, ସୁବାରାଓ ଛକ, ପ୍ରେମନଗର, ଡୁରା ଓଭର ବ୍ରିଜ, ବିଶାଲ ମେଗାମାର୍ଟ ଛକ, କମାପଲ୍ଲୀ, ଚର୍ଚ୍ଚ ରୋଡ, ବଡବଜାର, ଖୋଡାସିଂ, ଗୋଇଲୁଣ୍ଡି ଛକ ନିକଟରେ ଥିବା ଠିପିବନ୍ଦ ମଦ ଦୋକାନ ବନ୍ଦ ରହିଛି। ଏହି ଦୋକାନ ଗୁଡିକ ବିୟର ଉଠାଣ ପାଇଁ ଥିବା କୋଟା ପୁରୁଣ କରିଥିବା ବେଳେ ଲିକର କୋଟା ପୁରଣ କରିପାରି ନଥିବା ଜଣାପଡ଼ିଛି। ଏହି ଦୋକାନ ଗୁଡ଼ିକ ବନ୍ଦ ହେବା ଯୋଗୁ ଅନେକ ଗ୍ରାହକ ଦୋକାନ ନିକଟକୁ ଯାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଏମଜିକ୍ୟୁ ୧୫ପ୍ରତିଶତ ବୃଦ୍ଧି ପାଇଛି। ତେବେ ପୂର୍ବରୁ ଯେଉଁ ଏମଜିକ୍ୟୁ ରହିଥିଲା ତାହା ପୂରଣ ହେଉନଥିବା ବେଳେ ଏବେ ପୁଣି ୧୫ପ୍ରତିଶତ ବୃଦ୍ଧିକୁ ନେଇ ବ୍ୟବସାୟୀ ଚିନ୍ତାରେ ରହିଛନ୍ତି। ଏନେଇ ଏକ ପିଟିସନ ହାଇକୋର୍ଟରେ ଦୟାର ହୋଇଥିବା ଜଣାପଡ଼ିଛି।

## କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ ଆଣିଲା କୁଇ କୁଳ ସମାଜ

**ବାଲିଗୁଡା, ୩।୪(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବିଧାନସଭା ଆସନ ପାଇଁ କଂଗ୍ରେସ ଟିକେଟ ପାଇଥିବା ବ୍ୟକ୍ତିଙ୍କ ବିରୋଧରେ ଜାତିଗତ ପ୍ରମାଣପତ୍ର ଜାଲିଆତି ଅଭିଯୋଗ ଆଣିଲେ କୁଇ କୁଳ ସମାଜ। ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ କଂଗ୍ରେସ ପକ୍ଷରୁ ସୁରଦା ପ୍ରଧାନ ଟିକେଟ ପାଇଥିବାରୁ କଂଗ୍ରେସ କର୍ମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କୁଇ ସମାଜ ଉପଜିଲ୍ଲାପାଳଙ୍କ ଠାରେ ଏସମ୍ପର୍କରେ ଅଭିଯୋଗ କରିଛି। କଂଗ୍ରେସ ପ୍ରାର୍ଥୀ ଜଣେ ହରିଜନ ଆଉ ଜାଲିଆତି ଜାତିଗତ ପ୍ରମାପତ୍ର କରି



ଟିକେଟ ହାତେଇଛି ବୋଲି ବାଲିଗୁଡା କୁଇ ସମାଜ ଅଭିଯୋଗ କରିଛି। ତତ୍ ସହିତ ବିଗତ ଦିନରେ ମଧ ଏନେଇ ସୁରଦା ପ୍ରଧାନ ନାମରେ ଅଭିଯୋଗ କରିଥିଲେ କୁଇକୁଳ ସମାଜ। ତେବେ ଏନେଇ ମାମଲା ରାଜସ୍ୱ କମିଶନରଙ୍କ ପାଖରେ ବିଚାରଧୀନ ଥିବାବେଳେ ତାଙ୍କ ବିଧାୟକ ଟିକେଟ ପ୍ରତ୍ୟାହାର କରାଯିବାକୁ କୁଇକୁଳ ସମାଜ ଦାବି କରିଛି।

## ଜବରଦଖଲ ଉଚ୍ଛେଦ ଦାବି

**ଧରାକୋଟ, ୩।୪(ସମିସ):** ଧରାକୋଟ ତହସିଲ ଅନ୍ତର୍ଗତ ବାହାରପୁର ପଞ୍ଚାୟତର କାଠଗଡ଼ା ଗ୍ରାମ ନିକଟରେ ଥିବା ମା'ତେଲିଆ ଠାକୁରାଣୀଙ୍କ ଖାତା ନଂ୪, ପ୍ଲଟ ନ ୫୬୬ ରେ ଥିବା ପ୍ରାୟ ତିନି ଏକର ଜମିକୁ ପ୍ରଫୁଲ୍ଲ ସେଠୀ, ସନିଆ ସେଠୀ ଓ କନ୍ଧିଆ ଗୌଡ଼ ନାମକ ତିନିଜଣ ବ୍ୟକ୍ତି ଜବର ଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ଏନେଇ କାଠଗଡ଼ା ଗ୍ରାମର ପ୍ରାୟ ଶତାଧିକ ପୁରୁଷ ଓ ମହିଳା ବୁଧବାର ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଅତିରିକ୍ତ ତହସିଲଦାର ଗଣେଶ ଦଳେଇଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିବା ସହ ରାଜସ୍ୱ ନିରିକ୍ଷକ ଯଜ୍ଞ ନାରାୟଣ ନାୟକଙ୍କ ସହ ସମସ୍ତେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏନେଇ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପଚାରିବାରୁ ଜବର ଦଖଲ କରିଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ନୋଟିସ ପ୍ରଦାନ କରାଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର

**ବ୍ରହ୍ମପୁର,୩।୪ (ସମିସ)** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ଆଜି ଗୋପାଳପୁର ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ର ନିର୍ଦ୍ଦେଶିକା ଡଃ. ଧ୍ରୀତି ବାନାର୍ଜୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉପସ୍ଥିତ ରହି ଉଭୟ ଅନୁଷ୍ଠାନ ମଧ୍ୟରେ ଏହି ଚୁକ୍ତିପତ୍ର ସ୍ୱାକ୍ଷର କରି ଅଦଳ ବଦଳ କରିଥିଲେ । ଏହି ଚୁକ୍ତିନାମା ଭାରତୀୟ ପ୍ରାଣୀ ସର୍ବେକ୍ଷଣ ର ଗୋପାଳପୁର ନିକଟସ୍ଥ ଆଞ୍ଚଳିକ କେନ୍ଦ୍ର ଇଶଚୁରାଇନ ବାୟୋଲୋଜି ଆଞ୍ଚଳିକ କେନ୍ଦ୍ର ରେ ଅଫିସର ଇନ ଚାର୍ଜ ବୈଜ୍ଞାନିକ ଡ଼ ଅନିଲ ମହାପାତ୍ର ଙ୍କ ତତ୍ତ୍ୱାବଧାନ ରେ ଆୟୋଜନ ହୋଇଥିଲା। ଏହି ବୈଠକ ରେ ଇଶଚୁରାଇନ ବାୟୋଲୋଜି ଆଞ୍ଚଳିକ କେନ୍ଦ୍ର ର ବୈଜ୍ଞାନିକ ଡ଼ଃ. ଡ଼ି.ଏସ. ସୁମନ, ଏ.ଗୋକୁଳ ଏବଂ ଅବସର ପ୍ରାପ୍ତ ବୈଜ୍ଞାନିକ ଡ଼ଃ. ଶୁଭ୍ରେନ୍ଦୁ ଶେଖର ମିଶ୍ର ଉପସ୍ଥିତ ରହିବା ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ଆସୋସିଏଟ ପ୍ରଫେସର ଡଃ. ତପନ କୁମାର ବାରିକ, ଡଃ. ଜୟ କିଶୋର ସେଠ ଏବଂ ଡ଼ଃ.ଲକ୍ଷ୍ମୀ ଧର ରାଉତ ଉପସ୍ଥିତ ଥିଲେ। ଏହି ବୁଝାମଣା ପତ୍ର ର ମୁଖ୍ୟ ଉଦ୍ଦେଶ୍ୟ ହେଲା ଉଭୟ ସଂଗଠନ ମଧ୍ୟରେ ଶିକ୍ଷା, ଅନୁସନ୍ଧାନ, ଗବେଷଣା ପାଇଁ ପରୀକ୍ଷାଗାର ସୁବିଧା, ପାଠଚକ୍ର ଏବଂ ଜ୍ଞାନ ବିନିମୟ ରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବ । ଉଭୟ ଅନୁଷ୍ଠାନ ର



ବୈଜ୍ଞାନିକ, ପ୍ରଫେସର, ଗବେଷକ ଏବଂ ଛାତ୍ର ଛାତ୍ରୀ ଙ୍କ ପାଇଁ ଶିକ୍ଷା ଏବଂ ଅନୁସନ୍ଧାନ ର ବିକାଶ ଦିଗରେ ଏହି ଚୁକ୍ତିନାମା ବିଶେଷ ଭାବରେ ସହଯୋଗ କରିବ। ଏ ନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଙ୍କ ସହ ଯୋଗୋଗା ବେଳେ ସେ କହିଥିଲେ ଯେ ପୂର୍ବରୁ ୫ବର୍ଷ ପାଇଁ ଚୁକ୍ତି ସ୍ୱକ୍ଷର ହୋଇଥିଲା ୨୦୨୨ରେ ସମୟ ସୀମା ଶେଷ ହୋଇଥିଲା। ଏଥିରେ ବହୁ ଛାତ୍ର ଛାତ୍ରୀ ଗବେଷଣା କରିଛନ୍ତି ଏହାକୁ ଦୃଷ୍ଟିରେ ରଖି ପୁଣି ଆଜି ୫ ବର୍ଷ ପାଇଁ ଚୁକ୍ତି ସ୍ୱକ୍ଷର ହୋଇଛି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ପ୍ରାଣୀ ବିଜ୍ଞାନ ବିଭାଗ, ସାମୁଦ୍ରିକ ବିଜ୍ଞାନ ବିଭାଗ ଓ ପରିବେଶ ବିଜ୍ଞାନ ବିଭାଗ ର ଛାତ୍ର ଛାତ୍ରୀ ମାନେ ଗବେଷକ ଗବେଶିକା ମାନେ ଏଠାରେ ଥିବା ଉନ୍ନତମାନର ପରୀକ୍ଷାଗାର ବ୍ୟବହାର କରିବା ସହ ଅଧିକା ଜ୍ଞାନ କୌଶଳ ଆହରଣ କରିପାରିବେ।ତାହା ସହ ବଶିଷ୍ଠ ବୈଜ୍ଞାନିକ ମାନଙ୍କ ଦ୍ୱାରା ଅଧିକ ଗବେଷଣାତ୍ମକ ଜ୍ଞାନ ଲାଭ ପାଇବେ ବୋଲି କହିଥିଲେ। ନିର୍ଦ୍ଦେଶିକା ଡଃ. ଧ୍ରିତି ବାନାର୍ଜୀ ଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ଏହି ଚୁକ୍ତି ଦ୍ୱାରା ନୂତନ ଯୁବ ପିଢ଼ି ଗବେଷକ ଗବେସିକା ମାନେ ବ୍ରହ୍ମାପୁର ବିଶ୍ୱ ବିଦ୍ୟାଳୟ ରେ ପି ଏଚ୍ ଡି ରେ ନାମ ପଞ୍ଜିକୃତ କରି ଶିକ୍ଷା ଲାଭ କରିପାରିବେ । ତାହା ସହ ଉଭୟ ମିଳିତ ରେ ଅଧିକ ଗବେଷଣା ହେଇପାରିବ ବୋଲି କହିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଅନଲାଇନ ଓ ଅଫ ଲାଇନ ମାଧ୍ୟମରେ ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ଦ୍ୱାରା ଅଧିକ ଜ୍ଞାନ କୌଶଳ ଆହରଣ କରି ଭବିଷ୍ୟତ ଉଜ୍ଜଳ ପାଇଁ ଉଭୟ ଅନୁଷ୍ଠାନ ପଦକ୍ଷେପ ନେଇଥିବା କହିଛନ୍ତି।

## ଦଣ୍ଡନାଚ ପାଇଁ ଚଳଚଞ୍ଚଳ ସୋରଡ଼ା



**ସୋରଡ଼ା, ୩।୪(ସମିସ):** ଗଞ୍ଜାମ ପ୍ରସିଦ୍ଧ ଦାଣ୍ଡନାଚ ପାଇଁ ଗାଁ ଠାରୁ ସହର ସବୁଠି ଚଳ ଚଞ୍ଚଳ। ସେଇଥିରୁ ବାଦ ପଡ଼ି ନାହିଁ ସୋରଡ଼ା ଅଞ୍ଚଳ। ଗତ କିଛି ଦିନ ହେବ କିଛି ଦଳ ସେମାନଙ୍କ ଦଣ୍ଡ ଯାତ୍ରା ଆରମ୍ଭ ହୋଇଥିବା ବେଳେ ବୁଧବାର ସୋରଡ଼ା ଅଞ୍ଚଳର ପ୍ରମୁଖ ଦଳ ସେମାନଙ୍କ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅଞ୍ଚଳରେ ଥିବା ସୋରଡ଼ା, ବରାଡ଼ି, ଦେଶବାସୀ, ହୁକୁମା, ଭାଲିଆପଡ଼ା, ସିଧପୁର, ବଡ଼ଗଡ଼, ପଦ୍ମପୁର, ସୁରମଣି, ଲାଠିପଡ଼ା, ତିନିଖଣ୍ଡିଆ, ଖଜରୀପଲ୍ଲୀ ଭଳି ୧୫ରୁ ଉର୍ଦ୍ଧ୍ୱ ଦଳ ଥିବାବେଳେ ସୋରଡ଼ା ପଞ୍ଚାନନ କାମ୍ୟଦଣ୍ଡ ଓ ଭଲିଆପଡ଼ା ଦଳରେ ବହୁତ ସମାଗମ ଓ ଭକ୍ତଙ୍କ ସମ୍ମେଳନ ଦେଖିବାକୁ ମିଳେ। ମା'ଙ୍କ ମହିମା ଓ ବିଶ୍ୱାସ ଯୋଗୁଁ ଅନେକ ଅଲୌକିକ ଅଭିବୃଦ୍ଧି ସହ ୪୦ ଡିଗ୍ରୀ ଖରାରେ ମଧ ଅଗ୍ନି ସହ ଦୁଃସାହସିକ ଖେଳ ଅନୁଷ୍ଠିତ ହୋଇଥାଏ। ପଞ୍ଚାନନ କାମ୍ୟଦଣ୍ଡର ବରିଷ୍ଠ ବ୍ରତଧାରୀ ସୋମନାଥ ସାହୁ, ବଂଶୀଧର ପାଣିଗ୍ରାହୀ, ଦଣ୍ଡପାଣି ସାବତ ପ୍ରମୁଖ ୭୫ ବର୍ଷରୁ ଅଧିକ ବୟସ ହୋଇଥିଲେ ସୁଦ୍ଧା ଆଜି ମଧ ଦଣ୍ଡନାଚରେ ଭୋକ୍ତା ଭାବେ ଯୋଗଦେଇ ଆସୁଥିବା କହିଛନ୍ତି।

# ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥପାଠ



**ଭଞ୍ଜନଗର, ୩।୪(ସମିସ):** ଭଞ୍ଜନଗର ଆଇନଜୀବୀ ସଂଘର ନବ ନିର୍ବଚାଚିତ ପ୍ରତିନିଧି ମାନେ ବୁଧବାର ଶପଥ ପାଠ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଲଡୁ କିଶୋର ଆଲତିଆ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଆଇନଜୀବୀ ତ୍ରିନାଥ ମଲ୍ଲିକ ଏବଂ ବିମ୍ବାଧର ଷଡଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସଭାପତି ଭାବେ ଶୈଳେନ୍ଦ୍ର ନାରାୟଣ ସାହୁ, ଡି.ଗଗନ ବିହାରୀ ବିନ୍ଧାଣିରା, ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ସହ ସମ୍ପାଦକ ଅଶ୍ୱିନୀ କୁମାର ଦାଶ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ମିଶ୍ରଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଲକ୍ଷ୍ମୀକାନ୍ତ ମହାପାତ୍ର, ଜ୍ୟୋତିରାଜ ପତି, ବିମଳ କୁମାର ପାଣି, ଅଶୋକ କୁମାର ଗୌଡ଼(ଏ), ସୁଧୀରକାନ୍ତ ଦାଶ, ରବୀନ୍ଦ୍ରନାଥ ବେହେରା, ବିଷ୍ଣୁପ୍ରସାଦ ପ୍ରଧାନ, ଅକ୍ଷୟ ସାହୁ ନିଜ ପଦ ଓ ଗୋପନୀୟତାକୁ ନେଇ ଶପଥ ପାଠ କରିଥିଲେ। ଏଥିରେ ସଂଘର ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ:** ଖଲ୍ଲିକୋଟ କୋର୍ଟ ପରିସରରେ ବୁଧବାର ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ଏଡିଯେ ଆଶୁତୋଷ ଦାଶ, ସବଜର୍ଜ ଜୟପ୍ରକାଶ ନାଏକ, ଜେଏମଏଫସି ପ୍ରଭାତୀ ରଣା ମଞ୍ଚାସିନ ଥିଲେ। ନବ ନିର୍ବାଚିତ ସଭାପତି ନିଳାମ୍ବର ଶତପଥି, ଉପସଭାପତି ରାଧାଶ୍ୟାମ ଦଳେଇ, ସମ୍ପାଦକ ଜୋତିଶ କୁମାର ନନ୍ଦ, ସେମିନାର ସମ୍ପାଦକ ରଞ୍ଜନ ସେଠୀ ପ୍ରମୁଖଙ୍କୁ ଓକିଲ ସଙ୍ଘ ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ଆଇନଜୀବୀ ନିଖିଲ କୁମାର ପଟ୍ଟନାୟକ ଶପଥ ପାଠ କରାଇଥିଲେ। ପୂର୍ବତନ ବାର ସଭାପତି ରାଜେନ୍ଦ୍ର



ପ୍ରସାଦ ରଥ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବାରୁ ନିର୍ବାଚନ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ନବ ନିର୍ବାଚିତ ସଭାପତି ନିଜ ପ୍ରତିକ୍ରିୟାରେ ବାରର ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଦେବାସହ ବାରବେଞ୍ଚର ସମ୍ପର୍କ ବଜାୟ ରହିବା ସହ ବାରର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ଶ୍ରୀ ଜୋତିଶ ନନ୍ଦ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୩।୪ (ସମିସ):** ବ୍ରହ୍ମପୁର ରେଳବାଇ ଥାନା (ଜିଆରପି) ଛତ୍ରପୁର ନିକଟ ରେଳ ଧାରଣାରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣଙ୍କ ହେଲେ ଖୋର୍ଦ୍ଧା ବାଣପୁର ଥାନା ଅନ୍ତର୍ଗତ ବଟେଶ୍ୱର ଗ୍ରାମର ଆଲୋକ ସାସମଲଙ୍କ ସ୍ତ୍ରୀ ସୁନୀତା ସାସମଲ(୨୬)। ଗତକାଲି ରାତି ୧୦ଟା ବେଳେ କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଆସିଯିବାରୁ ସୁନୀତାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସକାଳୁ ଛତ୍ରପୁର ନିକଟ ରେଳଧାରଣାରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଖବର ମିଳିବା ପରେ ଜିଆରପି ପହଞ୍ଚି ତଦନ୍ତ କରିଥିଲା। ମୃତଦେହ ନିକଟରେ ପଡିଥିବା ୨ଟି ଆଧାର କାର୍ଡରୁ ସୁନୀତାଙ୍କ ପରିଚୟ ଜଣାପଡିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମକେସିଜିକୁ ପଠାଇଥିଲା। ସେଠାରେ ମୃତ ସୁନୀତାଙ୍କ ମାଆ ଛବି ଘଡେଇ ଓ ଶ୍ୱଶୁର ବୈକୁଣ୍ଠ ସାସମଲ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ସୁନୀତାଙ୍କ ସ୍ୱାମୀ ଆଲୋକ ବିଦେଶରେ ରହି କାମ କରୁଥିଲେ। ସୁନୀତା ୩ ବର୍ଷର ଝିଅ ସହ ଶ୍ୱଶୁର ଘରେ ରହୁଥିଲେ । କିଛି ଦିନ ତଳେ ଆଲୋକ ଘରକୁ ଆସିଥିଲେ। ଗତକାଲି ଉଭୟ ସ୍କୁଟି ଯୋଗେ ବାଣପୁର ଆସିବା ପରେ ସେଠାରୁ ସୁନୀତା ସ୍କୁଟି ନେଇ ବାଲୁଗାଁ ଚାଲି ଆସିଥିଲେ। ବାଲୁଗାଁରୁ ଟ୍ରେନରେ ଛତ୍ରପୁରରେ ପହଞ୍ଚିଥିଲେ। ରାତି ୧୦ଟା ବେଳେ କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଚାଲିଯାଇ ଆତ୍ମହତ୍ୟା କରିଥିବା ଶୁଣିବାକୁ ମିଳୁଛି। ଏପଟେ ସୁନୀତାଙ୍କ ନିଖୋଜ ଖବର ନେଇ ତାଙ୍କ ପରିବାର ପକ୍ଷରୁ ବାଣପୁର ଥାନାରେ ଗତକାଲି ଅଭିଯୋଗ ହୋଇଥିବା ଜିଆରପି ଭାରପ୍ରାପ୍ତ ଥାନାଧିକାରୀ ବିକାଶ ପଲେଇଙ୍କ ଠାରୁ ସୂଚନା ମିଳିଛି।

**ମନଇଚ୍ଛା ଖୋଲୁଛି ଏଟିଏମ୍**

# ଟଙ୍କା ଉଠାଇବା ଲାଗି ଗ୍ରାହକ ହନ୍ତସନ୍ତ




**ବ୍ରହ୍ମପୁର,୩।୪(ସମିସ):** ଲୋକଙ୍କୁ ୨୪ ଘଣ୍ଟିଆ ଟଙ୍କା ଜମା ଓ ଉଠାଣ ସେବା ଯୋଗାଇବା ଲାଗି ସରକାର ବିଭିନ୍ନ ସ୍ଥାନରେ ଏଟିଏମ୍ ବ୍ୟବସ୍ଥା କରିଛନ୍ତି। ହେଲେ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁଁ ଠିକଣା ସମୟରେ ଏଟିଏମ୍ ଖୋଲାରହୁନି। ଫଳରେ ଲୋକେ ଟଙ୍କା ଉଠାଣ ଲାଗି ସମସ୍ୟା ଭୋଗ କରୁଛନ୍ତି। ସହର ଉପକଣ୍ଠ ଲାଠୀରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଲାଠୀ, ବେନ୍ଧାଳିଆ, ମହୁଡ଼ା, କୁମାରପୁର ସମେତ ପ୍ରାୟ ୧୦ ଖଣ୍ଡ ଗ୍ରାମ ଲୋକଙ୍କ ସୁବିଧା ଲାଗି ପ୍ରାୟ ୭ ବର୍ଷ ପୂର୍ବେ ଏଠାରେ ବ୍ୟାଙ୍କ ଅଫ୍ ବରୋଦାର ଏକ ଶାଖା ଲାଠୀ ଗାଁରେ ପ୍ରତିଷ୍ଠା ହୋଇଥିଲା। ତେବେ ବ୍ୟାଙ୍କ କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁଁ ଗ୍ରାହକ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଧାର୍ଯ୍ୟ ଦିନ ମଧ୍ୟରେ ଏଟିଏମ୍ କାର୍ଡ ମିଳିବାର ପ୍ରବାଧାନ ଥିବାବେଳେ ଏଠାରେ ତା'ର ବ୍ୟତିକ୍ରମ ଦେଖାଦେଉଛି। ସେହିପରି ବ୍ୟାଙ୍କ ଖୋଲିବା ସମୟ ଅର୍ଥାତ୍ ସକାଳ ୧୦ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ହିଁ ଏଟିଏମ୍ ଖୋଲା ଯାଉଛି। ଫଳରେ ରାତି ଅଧିଆ କୌଣସି ଗ୍ରାହକଙ୍କ ଯଦି ଟଙ୍କା ଦରକାର ହୁଏ ତେବେ ସେ ହଇରାଣ ହୋଇଥାନ୍ତି। ଏହା ବ୍ୟତିତ ବ୍ୟାଙ୍କ ସହ ଯୋଗାଯୋଗ କରିବା ପାଇଁ ଗ୍ରାହକଙ୍କ ଲାଗି କୌଣସି ଫୋନ ନମ୍ବର ଦିଆଯାଇନି। ଫଳରେ ସାଇବର ଠକେଇ କିମ୍ବା ଅନ୍ୟ କୌଣସି ଆପଦ ସମୟରେ ବ୍ୟାଙ୍କ ସହ ଯୋଗାଯୋଗ କରିବା ଅସମ୍ଭବ ହୋଇପଡୁଛି। ଗ୍ରାମାଞ୍ଚଳ ଲୋକେ ଚାଷ ଓ କ୍ଷୁଦ୍ର ବେପାର ଉପରେ ନିର୍ଭର କରୁଥିବାବେଳେ ଏହି ବ୍ୟାଙ୍କରେ ନିଜର ଜମାଖାତା ଦ୍ୱାରା କାରବାର କରିଥାନ୍ତି। ତେବେ ବିଭିନ୍ନ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ରୁକ୍ଷ ବ୍ୟବହାର ଗ୍ରାହକଙ୍କୁ ବ୍ୟଥିତ କରୁଥିବାବେଳେ ଲୋକେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇଥାନ୍ତି। ହେଲେ ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁନି। ଅପରପକ୍ଷେ ଆଜିକାଲି ବିଭିନ୍ନ ସମୟରେ ଟଙ୍କା ଲୁଟ ପାଟ ହେଉଥିଲେ ସୁଦ୍ଧା ଏହି ବ୍ୟାଙ୍କରେ କୌଣସି ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇନାହାନ୍ତି। ଫଳରେ କୌଣସି ସମୟରେ ଯଦି କିଛି ଅଘଟଣ ଘଟେ ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ କରାଯାଇଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଫୁଲବାଣୀ ପାଇଁ ବିଜେଡି ପ୍ରାର୍ଥୀ ହେଲେ ଜୟଶ୍ରୀ କହଁର

**ଫୁଲବାଣୀ,୩।୪(ସମିସ):** ବିଭିନ୍ନ ବିଧାନସଭା ଆସନ ପାଇଁ ବୁଧବାର ବିଜୁ ଜନତା ଦଳ ଦ୍ୱିତୀୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଫୁଲବାଣୀ ବିଧାନସଭା ଆସନ ପାଇଁ ଦଳ ପୁଣି ଥରେ ଆପଣେଇଛି ନୋ ରିପିଟ ଫର୍ମୁଲା। କନ୍ଧମାଳ



ଲୋକସଭା ଆସନ ଅନ୍ତର୍ଗତ ଅନ୍ୟ ସମସ୍ତ ଆସନରେ ପୁରୁଣା ଲୋକଙ୍କୁ ସୁଯୋଗ ଦିଆଯାଇଥିବାରୁ ଏଠାରେ ମଧ୍ୟ ବିଧାୟକ ଅଙ୍ଗଦ କହଁରଙ୍କୁ ପ୍ରାର୍ଥୀ କରାଯିବା ଅନୁମାନ କରାଯାଉଥିଲା। ତେବେ ନୂଆମୁହ ଜୟଶ୍ରୀ କହଁରଙ୍କୁ ପ୍ରାର୍ଥୀ କରିଛି ଦଳ। ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ରବିଙ୍ଗିଆ ଗ୍ରାମର ଜୟଶ୍ରୀ କନ୍ଧମାଳ ବିଜେଡିର ଏକ ପରିଚିତ ନାମ। ଆରମ୍ଭରୁ ବିଜେଡି ସହିତ ସମ୍ପୃକ୍ତ ଜୟଶ୍ରୀଙ୍କ ଲମ୍ବା ରାଜନୈତିକ ଅଭିଜ୍ଞତା ରହିଛି। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ରହିଥିଲେ। ପୁଣି ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ସମିତିସଭ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ଏବେ ସେ ଜିଲ୍ଲା ପରିଷଦ ସଭ୍ୟା ଅଛନ୍ତି। ଏଥିସହିତ ସେ ମହିଳା ବିଜେଡିର ଫିରିଙ୍ଗିଆ ବ୍ଲକ ସଭାପତି ଭାବେ ମଧ୍ୟ କାର୍ଯ୍ୟ ତୁଲାଉଛନ୍ତି। ଜିଲ୍ଲାର ଅନ୍ୟତମ ଟାଣୁଆ ବିଜେଡି ନେତା ପଦ୍ମନାଭ ବେହେରାଙ୍କ ଅନୁଗତ ଭାବେ ପରିଚିତ ଜୟଶ୍ରୀ ଗତଥର ଠାରୁ ଟିକଟ ଦୌଡରେ ରହିଥିବା ବେଳେ ଚଳିତ ଥର ଟିକଟ ହାତେଇବାରେ ସଫଳ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୦୦ ମସିହାରୁ ବିଜୁ ଜନତା ଦଳ ଫୁଲବାଣୀ ଆସନରୁ କୌଣସି ପ୍ରାର୍ଥୀଙ୍କୁ ଦ୍ୱିତୀୟ ଥର ପ୍ରାର୍ଥୀ କରିନାହିଁ। ଚଳିତ ଥର ମଧ୍ୟ ଏହି ପରମ୍ପରା ଅତୁଟ ରହିଛି। ଏଥିସହ ଫିରିଙ୍ଗିଆ ବ୍ଲକରୁ ପ୍ରାର୍ଥୀ ଦେବା ପରମ୍ପରା ମଧ୍ୟ ବଜାୟ ରଖିଛି ଦଳ। ମଙ୍ଗଳବାର ଫୁଲବାଣୀ ଆସନ ପାଇଁ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଥିଲେ। କଂଗ୍ରେସ ପ୍ରତିଭା କହଁରଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ପ୍ରାର୍ଥୀ ହୋଇଛନ୍ତି ଉମାଚରଣ ମଲ୍ଲିକ।

# ଗ୍ରେଟ୍ ଇଷ୍ଟର୍ଣ୍ଣ ଦୋକାନରୁ ଚୋରି

**ବ୍ରହ୍ମପୁର,୩।୪:** ଦଲୁଆ ସାହି ଠାରେ ଥିବା ଗ୍ରେଟ ଇଷ୍ଟର୍ଣ୍ଣ ଦୋକାନରୁ ଚୋରି ହୋଇଛି। ରାତି ଅଧରେ ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି ନଗଦ ୨୮ ହଜାର ୮୩୪ ଟଙ୍କା ସହ ହାର୍ଡଡିସ୍କ ମେସିନ ଓ ଅନ୍ୟାନ୍ୟ ମେସିନ ଚୋରି କରି ନେଇଯାଇଛନ୍ତି। ଏ ନେଇ ଦୋକାନରେ କାର୍ଯ୍ୟ କରୁଥିବା ନୟନ କୁମାର ସାହୁ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମୋବାଇଲ୍ ଟାୱାର ସ୍ଥାପନ ଦାବି

**ସେମିଳିଗୁଡ଼ା,୩।୪(ସମିସ) :** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ପାଖଝୋଲା ପଞ୍ଚାୟତ ଅନ୍ତର୍ଗତ ଉପମାନିଆ, ତଳମାନିଆ, ଦଳାଇଗୁଡ଼ା, ଝିମକିଗୁଡ଼ାଠାରେ ନେଟ୍ୱର୍କ ସମସ୍ୟା ରହିଥିବା ବେଳେ ଏସମସ୍ତ ଅଞ୍ଚଳରେ ମୋବାଇଲ୍ ଟାୱାର ସ୍ଥାପନ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଅଞ୍ଚଳରେ ମୋବାଇଲ୍ ଟାୱାର ନଥିବାରୁ ଏହି ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପରମାନିଆଠାରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ଅଛି। ସେଠାରେ ୧୫୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର, ଗୋଟିଏ ଏଏନ୍ଏମ୍ କେନ୍ଦ୍ର ସହ ଅନେକ ଅନୁଷ୍ଠାନ ରହିଛି। ମୋବାଇଲ ନେଟୱର୍କ ବ୍ୟବସ୍ଥା ନ ଥିବାରୁ ଟେଲି ଯୋଗାଯୋଗ ଇଣ୍ଟରନେଟ୍ ଯୋଗେ ପାଠ ପଢ଼ାରେ ଏଠାକାର ଛାତ୍ରଛାତ୍ରୀ ବଞ୍ଚିତ ରହୁଛନ୍ତି। ଛାତ୍ରଛାତ୍ରୀମାନେ ଅନଲାଇନ୍ ମାଧ୍ୟମରେ ଅଧ୍ୟାୟନ ପାଇଁ ବିପଦସଙ୍କୁଳ ଭାବେ ଗଛ ଉପରେ ଚଢ଼ି ମୋବାଇଲ ନେଟ ୱାର୍କ ଖୋଜି ପଢୁଛନ୍ତି। ଗ୍ରାମର ଯୁବକମାନେ ଜିଲ୍ଲାପାଳଙ୍କୁ ଉକ୍ତ ଗ୍ରାମରେ ମୋବାଇଲ୍ ନେଟୱର୍କ ପାଇଁ ଟାୱାର ସ୍ଥାପନ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

# ଶାନ୍ତିଶୃଙ୍ଖଳାରେ ସରିଲା ପଞ୍ଚୁଦୋଳ ଯାତ୍ରା



**ଗଞ୍ଜାମ,୩।୪(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳି ଯାତ୍ରା ପଡିଆରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ବୁଧବାର ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି। ବୁଧବାର ସକାଳ ୯ ଟାରେ କ୍ରମାନ୍ୱୟରେ ବିଭିନ୍ନ ଗ୍ରାମର ୧୬ ଠାକୁର ନିଜ ଗାଁ ମନ୍ଦିର ଅଭିମୁଖେ ବିରାଟ ପାଟୁଆରରେ ଫେରିଥିଲେ। ଫେରିବା ପୂର୍ବରୁ ପଡିଆରେ ହରିହର ଭେଟ ହୋଇଥିଲା। ସମସ୍ତ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ଠାକୁର ଓ ଭକ୍ତଙ୍କ ଅବିର ରଙ୍ଗ ଖେଳ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସମ୍ମୁଖରେ ରାମାୟଣ, ମହାଭାରତ ଓ ପରେ ଖଣ୍ଡଦେଉଳି ଯାତ୍ରା ପଡିଆରେ ତିନି ଦିନ ଧରି ମଧୁବାସନ୍ତି ଗଣନାଟ୍ୟ ପରିବେଷଣ ହେଉଅଛି। ଏହା ଆସନ୍ତା ଶୁକ୍ରବାର ସମ୍ପୂର୍ଣ୍ଣ ହେବ। ଏହି ଯାତ୍ରା ପାଇଁ ପଡିଆରେ ବିଭିନ୍ନ ଘର କରଣା ଓ ପିଲାଙ୍କ ଖେଳ ସାମଗ୍ରୀ ପସରା ପଡିଥିଲା। ସେହିପରି ବ୍ଲକ ଅନ୍ତର୍ଗତ ହୁମ୍ମା ହାଟ ପଡିଆ, ବଳରାମପୁରରେ ମଧ୍ୟ ଯାତ୍ରା ସୁରୁଖୁରୁରେ ସରିଥିବା ଜଣାପଡିଛି। ସମସ୍ତ ଗ୍ରାମ ପରିଚାଳନା କମିଟି ସହଯୋଗରେ ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

**ଖଲ୍ଲିକୋଟ,୩।୪(ସମିସ):** ଖଲ୍ଲିକୋଟ କରଣ ସାହି ନିବାସୀ ଆଶାଲତା ମହାପାତ୍ରଙ୍କ ବୁଧବାର ସକାଳୁ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେକିଛି ଦିନ ହେଲା ଶାରୀରିକ ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରରେ ରହୁଥିବା ତାଙ୍କ ପୁଅ ରଜତ ମହାପାତ୍ରଙ୍କ ପାଖରେ ରହି ସେଠାକାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଅବସରପ୍ରାପ୍ତ ପୋଲିସ ଅଫିସର ବୈକୁଣ୍ଠ ମହାପାତ୍ର, ପୁଅ ରଜତ ମହାପାତ୍ର, ଝିଅ ମୀନାକ୍ଷୀ ମହାପାତ୍ର, ବୋହୂ, ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ। ମୃତ୍ୟୁ ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ଖଲ୍ଲିକୋଟ ଅଣାଯାଇ ଏଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପରଲୋକରେ ଖଲ୍ଲିକୋଟରେ ଶୋକର ଛାୟା ଖେଳି ଯାଇଛି। ମୃତ ଆଶାଲତାଙ୍କ ବଡ଼ ପୁଅ ଆମେରିକାରେ ରହୁଥିବାରୁ ସେ ତୁରନ୍ତ ଆସିପାରି ନାହାନ୍ତି।

# ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଛତ୍ରପୁର,୩।୪(ସମିସ):** ଛତ୍ରପୁର ସହରର ସର୍ବ ପ୍ରଥମ ଇଂରାଜି ମାଧ୍ୟମ ସ୍କୁଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସ୍କୁଲର ଉପସଭାପତି ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ସଂପାଦକ ତଥା ସମାଜସେବୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଯୋଗଦେଇ ସ୍କୁଲ ଉନ୍ନତି କାମନା କରିବା ସହ ସବୁ ବର୍ଗର ପିଲାମାନେ ଇଂରାଜି ମାଧ୍ୟମରେ ପାଠ ପଢିବା ପାଇଁ ଛତ୍ରପୁର ସହରରେ ବହୁ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ପବ୍ଲିକ ସ୍କୁଲ ର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଉପାଧ୍ୟକ୍ଷା ମମତା ପାଢ଼ୀ, ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଚଇତି ପର୍ବ ପ୍ରସ୍ତୁତି ଆଲୋଚନା



**ବେହେଡ଼ା, ୩।୪(ସମିସ):** ପଣାସଂକ୍ରାନ୍ତି ପାଇଁ ବେହେଡା ମା' ତାରିଣୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ମାସରେ ହେବାକୁ ଥିବା ପୂଜାରେ କିପରି ସୁରୁଖୁରୁରେ ହେବ ସେ ବିଷୟରେ ଆଲୋଚନା ହୋଇଛି। ରମେଶ ଜେନା, ଅଶୋକ ଭଞ୍ଜ, ଅଜୟ ପରିଡା, ନୀର ନାୟକ, ଜୟ ମହାରଣା, ଡମ୍ବରୁ ଭତ୍ରା, ବୁଲୁ ପଟନାୟକ, ବୀର ଭତ୍ରା, ରବି, ବାବୁଲା, ମଙ୍ଗଳ, ଲକ୍ଷ୍ମୀ ପାଢ଼ୀ, ଗୌରାଙ୍ଗ, ସୁଦାମ ମିଶ୍ର, ଯୁଗସାଇ ଭତ୍ରା ଓ କମିଟିର ସବୁ ସଦସ୍ୟ ଥିଲେ। ଏଥିରେ ନାମ ସଂକୀର୍ତ୍ତନ, ଅନ୍ନ ଭୋଗ, ପଣା, ହୋମ ଯଜ୍ଞ ଇତ୍ୟାଦି ବିଷୟରେ ଆଲୋଚନା ଓ ମତାମତ ଗ୍ରହଣ ହୋଇଥିଲା। ଏହି ପୂଜା ପାଇଁ ବହୁ ଦୁରଦୂରାନ୍ତରୁ ଶ୍ରଦ୍ଧାଳୁ ଆସୁଥିବାରୁ କିପରି ସୁରକ୍ଷା ବ୍ୟବସ୍ଥା ହେବ। ଭକ୍ତଙ୍କ ସୁବିଧାରେ ମା'ଙ୍କ ଦର୍ଶନ ସହ ପ୍ରସାଦ ସେବନ କରି ମା'ଙ୍କ କୃପା ନେଇଯିବେ। ସେସବୁ ବିଷୟରେ ପ୍ରଶାସନ ଶହ ଆଲୋଚନା ହୋଇଛି। ଏହା ମା'ଙ୍କ ପ୍ରଥମ ବୈଠକ ଭାବେ ସବୁ ତର୍ଜମା ହୋଇଛି। ଆସନ୍ତା ୮ ରୁ ୧୪ ତାରିଖ ପର୍ଯ୍ୟନ୍ତ ପୂଜା ଚାଲିବ।

# ପ୍ରାର୍ଥୀ ତାଲିକା ଘୋଷଣା ପରେ ଲମତାପୁଟ ରାଜନୀତି ଚଳଚଞ୍ଚଳ

**ଲମତାପୁଟ,୩।୪(ସମିସ):** କୋରାପୁଟ ନିର୍ବାଚନମଣ୍ଡଳୀ ପାଇଁ ତିନି ଦଳ ନିଜ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପରେ ଲମତାପୁଟ ରାଜନୀତି ଏବେ ଚଳଚଞ୍ଚଳ ହୋଇଉଠିଛି। ପ୍ରଥମେ ବିଜେଡି ରଘୁରାମ ପଡାଲଙ୍କୁ କୋରାପୁଟ ବିଧାୟକ ପ୍ରାର୍ଥୀ ଭାବେ ନାମ ଘୋଷଣା କରିଥିବାବେଳେ ମଙ୍ଗଳବାର ବିଜେପି ରଘୁରାମ ମାଛ ଓ କଂଗ୍ରେସ କୃଷ୍ଣ କୁଳଦୀପଙ୍କୁ ପ୍ରାର୍ଥୀ ଭାବେ ନାମ ଘୋଷଣା କରିଛି। ଏହାପରେ କୋରାପୁଟ ନିର୍ବାଚନମଣ୍ଡଳୀର ଏକ ପ୍ରମୁଖ ବ୍ଲକ୍ ଭାବେ ପରିଚିତ ଲମତାପୁଟ ବ୍ଲକରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଛି। ରଘୁରାମ ମାଛଙ୍କୁ ଟିକଟ ମିଳବା ପରେ ବ୍ଲକ୍ ବିଜେପି କର୍ମୀମାନେ ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି। କୋରାପୁଟ ନିର୍ବାଚନମଣ୍ଡଳୀରେ କେବେ ତ୍ରିସ୍ତରୀୟ ଲଢ଼େଇ ଦେଖିବାକୁ ମିଳି ନ ଥିଲା। କିନ୍ତୁ ଚଳିତ ନିର୍ବାଚନ ତ୍ରିମୁଖୀ ଲଢ଼େଇ ହେବା ସହ ତିନି ପ୍ରତିନିଧିଙ୍କ ମଧ୍ୟରେ କଡ଼ା ଟକ୍କର ହେବା ନେଇ ଆକଳନ କରୁଛନ୍ତି ବୁଦ୍ଧିଜୀବୀ। କାରଣ ଲମତାପୁଟ ବ୍ଲକର ଭୋଟ୍ ବ୍ୟାଙ୍କ ହିଁ ନିର୍ଣ୍ଣାୟକ ଫଳ ଦେଇଥାଏ। ତେଣୁ ଚଳିତ ନିର୍ବାଚନ ରୋମାଞ୍ଚକ ରହିବ ବୋଲି ଆଲୋଚନା ଜୋର୍ ଧରିଛି।

# ପ୍ରିୟା ଥିଏଟର ଗ୍ରୁପ୍‌ର ବାର୍ଷିକ ବୈଠକ



**ଜୟପୁର,୩।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ପ୍ରିୟା ଥିଏଟର ଗ୍ରୁପ୍ ପକ୍ଷରୁ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରିୟା ଥିଏଟର ଗ୍ରୁପର ନୂତନ ପରିଚାଳନା ଦଳ ଗଠନ କରାଯାଇଛି। ଏହି ନୂତନ ପରିଚାଳନା ଦଳ ଆଗାମୀ ଦିନରେ ପ୍ରିୟା ଥିଏଟର ଗ୍ରୁପ ଦ୍ୱାରା ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବ ବୋଲି ଗ୍ରୁପର ନିର୍ଦ୍ଦେଶକ ଅଶୋକ ଜେନା ପ୍ରକାଶ କରିଛନ୍ତି। ନୂତନ ଦଳର ସଭାପତି ଭାବେ ସଞ୍ଜୟ ବେହେରା, ଉପସଭାପତି ସୁଦୀପ ମହାପାତ୍ର, ସମ୍ପାଦକ ସିଦ୍ଧାର୍ଥ ପାତ୍ର, ସହସମ୍ପାଦକ ସନ୍ଦୀପ ଦଳେଇ, କୋଷାଧ୍ୟକ୍ଷ କେ. ଲକ୍ଷ୍ମୀକାନ୍ତ, ସହ କୋଷାଧ୍ୟକ୍ଷ ପ୍ରଦୀପ ମହାପାତ୍ର, କାର୍ଯ୍ୟକ୍ରମ ନିର୍ବାହୀ ଉତ୍ତମ ନାୟକ ଏବଂ ଉପଦେଷ୍ଟା ଭାବେ ଦିଲ୍ଲୀପ ମହାପାତ୍ର, ସମୀର ପଟ୍ଟନାୟକ, ଅଶୋକ ଜେନା ଏବଂ ସୋସିଆଲ ମିଡିଆ ପ୍ରମୁଖ ଭାବେ ସନ୍ଦୀପ ଦଳେଇଙ୍କୁ ଚୟନ କରାଯାଇଛି। ଆଗାମୀ ମେ' ମାସ ଶେଷରେ ପ୍ରିୟା ଥିଏଟର ଗ୍ରୁପ ଦ୍ୱାରା ଗୋଟିଏ ପ୍ରଯୋଜିତ ନାଟକ ଏବଂ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ବାଲିମେଳାରେ ମା' ଦଣ୍ଡକାଳୀ ଯାତ୍ରା ଆରମ୍ଭ



**ବାଲିମେଳା,୩।୪(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ଅନ୍ତର୍ଗତ ବାଲିମେଳା ବଜାରସ୍ଥିତ ଦଣ୍ଡକାଳୀ ମନ୍ଦିରଠାରୁ ଆରମ୍ଭ ହୋଇଛି ଦଣ୍ଡକାଳୀ ଯାତ୍ରା। ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଚୈତ୍ର ମାସ ମଙ୍ଗଳବାର ବାଲିମେଳା ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସକାଳରୁ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ଦଣ୍ଡକାଳୀ ଯାତ୍ରା। ଏହି ଯାତ୍ରା ପ୍ରାୟ ୧୩ ଦିନ ହେବାର ନିୟମ ଥିବା ବେଳେ ଆସନ୍ତା ପଣା ସଂକ୍ରାନ୍ତି ଦିନ ଶେଷ ହେବ। ଏହି ୧୩ ଦିନରେ ଅଂଚଳର ପ୍ରାୟ ୪୦ରୁ ୫୦ ଭୁଗୁତା ଦଣ୍ଡ ଖେଳିବାର ଦେଖିବାକୁ ମିଳିଛି। ପ୍ରାୟ ୩ ପ୍ରକାର ଦଣ୍ଡ ଯଥା ଧୂଳି ଦଣ୍ଡ, ପାଣିଦଣ୍ଡ ଏବଂ ଅଗ୍ନିଦଣ୍ଡ ଖେଳିବାର ଦେଖିବାକୁ ମିଳେ। ବିଭିନ୍ନ ମାନସିକଧାରୀ ନିଜର ମାନସିକ ପୂରଣ ହେବା ପରେ ନିଜ ଦାଣ୍ଡରେ ଏହି ଦଣ୍ଡୁଆ ଙ୍କୁ ନିମନ୍ତ୍ରଣ ଦେଇ ସାରାରାତି ଓଡ଼ିଆ ନାଟକ ପରିବେଷଣ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୁଏ। ତେବେ ଏହି ଦଣ୍ଡ ନାଟ ପ୍ରାୟ ୧୩ ଦିନ ମଧ୍ୟରେ ଖାଲି ବାଲିମେଳା ସହର ନୁହେଁ ବାଲିମେଳା ବାହାରେ ତଥା ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରି , କୋରୁକୋଣ୍ଡା , ଚିତ୍ରକୋଣ୍ଡା , ଗୁମ୍ମା , ବୈପାରିଗୁଡା, ସୁନାବେଡା, ଗୋବିନ୍ଦପାଲି ଭଳି ଅଞ୍ଚଳରେ ବୁଲି ଦଣ୍ଡ ଖେଳିବାକୁ ଯିବା ଦେଖିବାକୁ ମିଳେ। ଏହି ଦଣ୍ଡକୁ ପରିଚାଳନା ନିମନ୍ତେ ସୁଦୂର ବ୍ରହ୍ମପୁରରୁ ମୁଖ୍ୟ ଗୁମୁତା ଭାଗୀରଥି ସେଠୀଙ୍କ ସହ ସ୍ଥାନୀୟ ଦଣ୍ଡକାଳୀ ମନ୍ଦିର ସଭାପତି ଗଜେନ୍ଦ୍ର ମହାନ୍ତି, ସମ୍ପାଦକ ବାବୁଲା ଡାକୁଆ, ସୁଶାନ୍ତ ମହାରଣା, ଦୀପକ ଦାସ, ପିତାମ୍ବର ଭୁଇଁଆ, ରାମଚନ୍ଦ୍ର ପାଢ଼ୀ ପ୍ରମୁଖ ସହଯୋଗ କରୁଛନ୍ତି।

**ଫୁଲ ଚାଷ ପାଇଁ ତାଲିମ ଓ ପ୍ରୋତ୍ସାହନର ଅଭାବ**

# ଭିତ୍ତିଭୂମି ସତ୍ତ୍ୱେ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ଚାଷୀ

**ମାଲକାନଗିରି, ୩।୪(ସମିସ)**

ମାଲକାନଗିରି ଜିଲ୍ଲାରେ ଫୁଲ ଚାଷ ପାଇଁ ଭିତ୍ତିଭୂମି, ଉପଯୁକ୍ତ ଜଳବାୟୁ, ମୃତ୍ତିକା ଥିବା ସତ୍ତ୍ୱେ ଏଠାରେ ଫୁଲ ଚାଷ ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜିଲ୍ଲାବାସୀ ବିଭିନ୍ନ ବିବାହ, ବ୍ରତ, ମାଙ୍ଗଳିକ, ବିଭିନ୍ନ ସଭାସମିତି ପାଇଁ ନେତାମାନଙ୍କୁ ଫୁଲ ମାଳ ପକାଇବା ଆବଶ୍ୟକ ଥିବାବେଳେ ଏହି ସବୁ ଫୁଲ ରାଜ୍ୟ ବାହାରୁ ଅଧିକ ଅର୍ଥ ଦେଇ ଖରିଦ କରୁଛନ୍ତି। ବିଶେଷ କରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗରମ୍, ସାଲୁର, ଛତିଶଗଡ଼ର ରାୟପୁର, ଜଗଦଲପୁର, ତେଲଙ୍ଗାନାର ହାଇଦରାବାଦ, ସିକନ୍ଦରାବାଦ ଇତ୍ୟାଦି ସ୍ଥାନରୁ ଫୁଲ ଖରିଦ କରାଯାଉଛି। ଉଦ୍ୟାନ ବିଭାଗ, କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀମାନଙ୍କୁ ଫୁଲ ଚାଷ ସମ୍ବନ୍ଧରେ ବିଭିନ୍ନ ଅଞ୍ଚଳରେ ତାଲିମ ପ୍ରଦାନ କରାଯିବା ସହ ଉତ୍କୃଷ୍ଟ ଫୁଲଚାରା, ମୃତ୍ତିକା ପରୀକ୍ଷା, ଫୁଲ ଚାଷ ପାଇଁ ବିଭିନ୍ନ ପ୍ରକାର ପ୍ରଣାଳୀ, କୀଟନାଶକ ଔଷଧ ପ୍ରୟୋଗ, ଜୈବିକ ଖତ ସାର ଇତ୍ୟାଦି ସମ୍ବନ୍ଧରେ ତାଲିମ ଦିଆଯାଉଥିଲେ ମଧ୍ୟ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ ନ ଥିବା ଏମ୍‌ଭି ୧୦ ଗ୍ରାମର ଚାଷୀ ସୁବାସ ଚନ୍ଦ୍ର ମଣ୍ଡଳ ପ୍ରକାଶ କରିଛନ୍ତି।

ଶ୍ରୀ ମଣ୍ଡଳ ପ୍ରକାଶ କରିଛନ୍ତି ଯେ, ସେ ଅଧ ଏକର ଜମିରେ ଫୁଲ ଚାଷ କରିବା ପାଇଁ ମାଲକାନଗିରି ଉଦ୍ୟାନ ବିଭାଗ ତରଫରୁ ତାଙ୍କୁ ଚାରା ଯୋଗାଇ ଦିଆଯାଇଥିଲା। ନିଜସ୍ୱ ଖର୍ଚ୍ଚରେ ସେ ତାଙ୍କ ଜମିରେ ଗେଣ୍ଡୁ ଫୁଲ ଚାଷ କରିଥିଲେ। କିନ୍ତୁ ଆଜକୁ ଚାରି ମାସ ହେଲା ବିଭାଗର କୌଣସି ପଦାଧିକାରୀ ମୋର ଫୁଲ ଚାଷ କ୍ଷେତ୍ର ପରିଦର୍ଶନ କିମ୍ବା ବୈଷୟିକ ଜ୍ଞାନ କୌଶଳ ଓ ଆର୍ଥିକ ପ୍ରୋତ୍ସାହନ ଦେଇନାହାନ୍ତି। ଯାହାଫଳରେ ମୁଁ ଋଣ କରି ଏହି ଚାଷ କରିଛି। ତେବେ ଫୁଲର ଚାହିଦା ଥିବାରୁ ଦୀର୍ଘ ୫ କିଲୋମିଟର ରାସ୍ତା ଅତିକ୍ରମ କରି ମାଲକାନଗିରି ସହରରେ



ଫୁଲ ବ୍ୟବସାୟୀଙ୍କୁ କମ୍ ଦରରେ ଫୁଲ ବିକ୍ରି କରିବାକୁ ବାଧ୍ୟ ହେଉଛି। ସରକାର ମୋତେ ଆର୍ଥିକ ସହାୟତା ସହ ଏହି ଫୁଲ କ୍ଷେତରେ ଅଧିକ ଅମଳ ହୋଇପାରିବା ସମ୍ବନ୍ଧରେ ବୈଷୟିକ ଜ୍ଞାନ ପ୍ରଦାନ କଲେ ଚାଷ ପାଇଁ ମୋର ଉତ୍ସାହ ବୃଦ୍ଧି ପାଇବା ସହ ଗେଣ୍ଡୁ ଫୁଲ ବ୍ୟତୀତ ଅନ୍ୟ ଫୁଲ ଚାଷ ମଧ୍ୟ କରିପାରିବି। ଅନ୍ୟ ଚାଷୀମାନେ ମୋର ଏହି ଚାଷକୁ ଦେଖି ଫୁଲ ଚାଷରେ ଆଗ୍ରହ ବଢ଼ାଇବେ। ବର୍ତ୍ତମାନ ନିର୍ବାଚନ ସମୟ, ବିଭିନ୍ନ ରାଜନୈତିକ ଦଳ ନେତାମାନଙ୍କ ପାଇଁ ଫୁଲମାଳର ଆବଶ୍ୟକତା ଅଛି। ଏ ସମ୍ବନ୍ଧରେ ଜିଲ୍ଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର ପ୍ରକାଶ କରିଛନ୍ତି ଯେ ସମସ୍ତ ଫୁଲ ଚାଷୀ ଓ ଛତୁ ଚାଷୀଙ୍କୁ ସେମାନଙ୍କର ପ୍ରୋତ୍ସାହନ ରାଶି ସରକାରଙ୍କ ନିୟମ ଅନୁଯାୟୀ ପ୍ରଦାନ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଜିଲ୍ଲାରେ ଫୁଲଚାଷ ପାଇଁ ଚାରା ନେଇଥିବା ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରାଯିବ।

